# ସତ୍ୟ ନ୍ୟୁଜ୍
ଓଡ଼ିଆ ଦୈନିକ

RNI No.-ODIODI/2024/17847

www.satyanews24.in
RNI No.ODIODI/2024/17847
୦୧ ବର୍ଷ Volume-01
ISSUE - 66 ସଂଖ୍ୟା-୬୬
ଭୁବନେଶ୍ୱର, ଶନିବାର ୨୯, ମାର୍ଚ୍ଚ ୨୦୨୫
Bhubaneswar, Saturday, 29, March 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୭.୦୦ ଟଙ୍କା Price : Rs.7.00
E-Mail : satyanews24.bbsr@gmail.com

Like, Follow & Subscribe Satya News24


## ମେ' ୧୫ ସୁଦ୍ଧା ପ୍ରକାଶ ପାଇବ
## ସିଏଚ୍‌ଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ




**ଭୁବନେଶ୍ୱର :** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ମେ' ୧୫ ସୁଦ୍ଧା ପ୍ରକାଶ ପାଇବ । ଦ୍ୱାଦଶ ଶ୍ରେଣୀ ଥିଓରୀ ପରୀକ୍ଷା ଗୁରୁବାର ଶେଷ ହୋଇଥିବାବେଳେ ଆସନ୍ତା ୨ ତାରିଖରୁ ମୂଲ୍ୟାୟନ ପ୍ରକ୍ରିୟା ହେବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି ।ସୂଚନା ଅନୁଯାୟୀ ଚଳିତ ବର୍ଷ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷା ପାଠ୍ୟକ୍ରମରେ ପ୍ରାୟ ୩ ଲକ୍ଷ ୯୦ ହଜାର ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି । ଚଳିତ ବର୍ଷ ୩୦ ଜିଲାରେ ମୂଲ୍ୟାୟନ କେନ୍ଦ୍ର ଖୋଲିବାକୁ ପରିଷଦ ନିଷ୍ପତ୍ତି ହୋଇଥିବାବେଳେ ମୋଟ ୭୮ କେନ୍ଦ୍ରରେ ମୂଲ୍ୟାୟନ କରାଯିବ । କେତେକ କେନ୍ଦ୍ରରେ ଉଭୟ ଇ-ମୂଲ୍ୟାୟନ ଏବଂ ପାରମ୍ପରିକ ପଦ୍ଧତିରେ ଅଫଲାଇନ୍ ଖାତା ଦେଖାଯିବ ।ଏପ୍ରିଲ ୨ରୁ ୧୪ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ମୂଲ୍ୟାୟନ ହେବ । ସେହିପରି ଏପ୍ରିଲ ୧୬ରୁ ୨୮ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ମୂଲ୍ୟାୟନ ହେବ । ପ୍ରଥମ ପର୍ଯ୍ୟାୟରେ ୭ରୁ ୮ ହଜାର ଅଧ୍ୟାପକ/ଅଧ୍ୟାପିକା ଓ ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ପ୍ରାୟ ୮ ହଜାର ଅଧ୍ୟାପକ ଖାତା ଦେଖିବେ । ଏପ୍ରିଲ ୨୮ ତାରିଖ ସୁଦ୍ଧା ମୂଲ୍ୟାୟନ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ଖାତା ଦେଖା କାର୍ଯ୍ୟରେ ରାଜ୍ୟର ମୋଟ ୧୫ ହଜାର ଅଧ୍ୟାପକ ନିୟୋଜିତ ହେବେ । ପୂର୍ବରୁ କେତେକ ଜିଲାରେ ପରୀକ୍ଷା କେନ୍ଦ୍ର ନଥିବାବେଳେ ଚଳିତ ବର୍ଷ ଖୋଲାଯାଇଛି ।ଫଳରେ ଅଧ୍ୟାପକ ନିଜ ଜିଲାରେ ପରୀକ୍ଷା ଖାତା ମୂଲ୍ୟାୟନ କରିବେ । ଗତବର୍ଷ ୩୯ଟି ଇ-ମୂଲ୍ୟାୟନ କେନ୍ଦ୍ର କରାଯାଇଥିବାବେଳେ ଚଳିତ ବର୍ଷ ୫୭ଟି ଇ-ମୂଲ୍ୟାୟନ କେନ୍ଦ୍ର ଖୋଲାଯାଇଛି । ଅଧ୍ୟାପକ ମନୋନୟନ ଚୂଡ଼ାନ୍ତ ହୋଇସାରିଛି । ଚଳିତ ବର୍ଷ ମୋଟ ୨୪ ଲକ୍ଷ ଖାତା ଉଭୟ ଅନ୍‌ଲାଇନ୍ ଓ ଅଫଲାଇନ୍‌ରେ ମୂଲ୍ୟାୟନ କରାଯିବ ।ଏହାପରେ ମେ' ୧୫ ତାରିଖ ସୁଦ୍ଧା ଦ୍ୱାଦଶ ଶ୍ରେଣୀ ବାର୍ଷିକ ପରୀକ୍ଷାଫଳ ପ୍ରକାଶ କରିବାକୁ ଲକ୍ଷ୍ୟ ରଖିଛି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

### ପ୍ରକୃତିର ତାଣ୍ଡବ: ମିଆଁମାରରୁ ଥାଇଲ୍ୟାଣ୍ଡ ଥରିଲା ପୃଥିବୀ

# ବିଧ୍ୱଂସୀ ଭୂକମ୍ପ: ଧ୍ୱସ୍ତ ବିଧ୍ୱସ୍ତ ମିଆଁମାର ଓ ଥାଇଲ୍ୟାଣ୍ଡ

- ୭.୨ ତୀବ୍ରତାରେ ୨ଥର ଶକ୍ତିଶାଳୀ ଝଟକା
- ୧୮୬ ରୁ ଅଧିକ ମୃତ, ଶତାଧିକ ଆହତ
- ଏଣେ ତେଣେ ପଡ଼ିଛି ଶବ , ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା
- ତାସ୍‌ର ଘର ପରି ଭାଙ୍ଗିଲା ଉଚ୍ଚ ଅଟ୍ଟାଳିକା
- ଇରାୱାଡି ନଦୀ ଉପରେ ପୁରୁଣା ପୋଲ ଭୁଶୁଡ଼ି ପଡ଼ିଲା
- ମିଆଁମାରରେ ଜରୁରୀକାଳୀନ ସ୍ଥିତି ଘୋଷଣା
- ସବୁ ଫ୍ଲାଇଟ୍ ରଦ୍ଦ ଓ ଏୟାରପୋର୍ଟ ବନ୍ଦ
- ଥାଇଲ୍ୟାଣ୍ଡ , ଚୀନ୍, ଭାରତ, ବାଂଲାଦେଶ ଓ ଲାଓସ୍ ରେ ମଧ୍ୟ ଭୂ କମ୍ପ ଅନୁଭୂତ
- ଭାରତୀୟ ଦୂତାବାସ ଜାରି କଲା ହେଲ୍ପଲାଇନ ନମ୍ବର +୬୬ ୬୧୮୮୧୯୨୧୮



**ନୂଆଦିଲ୍ଲୀ :** ଭାଙ୍ଗିଲା ଘର, ଭୁଶୁଡ଼ିଲା ପୋଲ, ଦବିଗଲା ଭୂଇଁ । ମିଆଁମାରରୁ ଥାଇଲ୍ୟାଣ୍ଡ ଥରିଲା ପୃଥିବୀ । ୭.୨ ତୀବ୍ରତାରେ ୨ଥର ଶକ୍ତିଶାଳୀ ଝଟକା । ୬୦ରୁ ଅଧିକ ମୃତ, ଶତାଧିକ ନିଖୋଜ । ହସ୍ପିଟାଲରେ ବଢ଼ୁଛି ଆହତଙ୍କ ସଂଖ୍ୟା । ମିଆଁମାରରେ ଜରୁରୀକାଳୀନ ସ୍ଥିତି ଘୋଷଣା । ଦକ୍ଷିଣ-ପୂର୍ବ ଏସିଆରେ ଏବେ ତୁର୍କି ଭଳି ସ୍ଥିତି । ୨୦୨୩ରେ ହୋଇଥିବା ଭୂମିକମ୍ପର ଛାତିଥରା ଦୃଶ୍ୟ ପୁଣି ଥରେ ୨୦୨୫ରେ ଦେଖିବାକୁ ମିଳିଛି । ତାସ୍‌ର ଘର ପରି ଭାଙ୍ଗି ଯାଇଛି ଉଚ୍ଚ ଅଟ୍ଟାଳିକା । ଥାଇଲ୍ୟାଣ୍ଡର ରାଜଧାନୀ ବ୍ୟାଙ୍କକରେ ୩୦ ମହଲା ନିର୍ମାଣଧୀନ କୋଠା ମାଟି ସମାଧି ନେଇଛି । ମିଆଁମାରରେ ଏକ ମସଜିଦ୍ ମାଟିରେ ଦବିଯାଇଛି । ଶକ୍ତିଶାଳୀ ଭୂମିକମ୍ପ ଝଟକାରେ ବ୍ରିଜ୍ ଭୁଶୁଡ଼ି ପଡ଼ିଥିବା ବେଳେ ସୁଇମୁଂପୁଲ୍‌ରେ ପାଣି ଚହଲା ମାରୁଥିବାରୁ ଭିଡ଼ିଓ ଦେଖିବାକୁ ମିଳିଛି । ପ୍ରକୃତିର ତାଣ୍ଡବରେ ଏଯାଏଁ ୧୮୬ଜଣଙ୍କ ମୃତ୍ୟୁ ହୋଇଛି । ୮୦୦ ରୁ ଅଧିକ ଆହତ ହୋଇଛନ୍ତି । ସେହିପରି ଶତାଧିକ ଲୋକେ ନିଖୋଜ ରହିଛନ୍ତି । ମାର୍ଚ୍ଚ ୨୮ ତାରିଖ ଶୁକ୍ରବାର । ସମୟ ପୂର୍ବାହ୍ନ ୧୧ଟା ୫୦ ମିନିଟ୍ ୫୨ ସେକେଣ୍ଡ । ମିଆଁମାରରେ ଅନୁଭୂତ ହୋଇଥିଲା ୭.୨ ଉଚ୍ଚ ତୀବ୍ରତା ବିଶିଷ୍ଟ ପ୍ରଥମ ଝଟକା । ଏହାର କେନ୍ଦ୍ରସ୍ଥଳ ସାଗାଇଙ୍ଗ୍ ସହରର ଉତ୍ତର-ପଶ୍ଚିମ ଦିଗରେ ଭୂପୃଷ୍ଠରୁ ପ୍ରାୟ ୧୦ କିଲୋମିଟର ଗଭୀରତାରେ ରହିଥିଲା । ଏହାପରେ ଲଗାତାର ଦ୍ୱିତୀୟ ଝଟକା ମଧ୍ୟାହ୍ନ ୧୨ଟା ୨ ମିନିଟରେ ଅନୁଭୂତ ହୋଇଥିଲା । ୭.୦ ଉଚ୍ଚ ତୀବ୍ରତାରେ ଥରି ଉଠିଥିଲା ପଡୋଶୀ ଦେଶ । କେବଳ ମିଆଁମାର ନୁହେଁ, ଟାକ୍ଟୋନିକ୍ ପ୍ଲେଟ୍ ଚଳନରେ ଦ୍ୱୀପଦେଶ ଥାଇଲ୍ୟାଣ୍ଡ ସମେତ ଚୀନ୍, ଭାରତ, ବାଂଲାଦେଶ ଓ ଲାଓସ୍ ମଧ୍ୟ ଥରି ଉଠିଛି । ଭୂମିକମ୍ପରେ ସର୍ବାଧିକ ପ୍ରଭାବିତ ହୋଇଛି ଥାଇଲ୍ୟାଣ୍ଡ । ରାଜଧାନୀ ବ୍ୟାଙ୍କକରେ ଏକ ନିର୍ମାଣଧୀନ ୩୦ ମହଲା ବିଶିଷ୍ଟ କୋଠା ଭୁଶୁଡ଼ି ପଡ଼ିଛି । ସୋସିଆଲ୍ ମିଡିଆରେ ଏହାର ଭୟଙ୍କର ଚିତ୍ର ଭାଇରାଲ୍ ହେବାରେ ଲାଗିଛି । ଭୂକମ୍ପ ବେଳେ ଉକ୍ତ ଅଟ୍ଟାଳିକାରେ ୪୦୦ରୁ ଅଧିକ ଶ୍ରମିକ କାର୍ଯ୍ୟରତ ଥିବା କୁହାଯାଉଛି । ୮୦ଜଣ ନିଖୋଜ ରହିଛନ୍ତି । ୫୦ଜଣ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏବେବି ଉଦ୍ଧାରକାର୍ଯ୍ୟ ଜାରି । ମିଆଁମାରରେ ଭୂମିକମ୍ପର ଭୟଙ୍କର ଚିତ୍ରା ସାମ୍ନାକୁ ଆସିଛି । ଭୂକମ୍ପରେ ଏକ ମସଜିଦ୍ ଏବଂ ଏକ ବିଶ୍ୱବିଦ୍ୟାଳୟ ମାଟିରେ ଲୋଟି ପଡ଼ିଛି । ଏଥିରେ ୨୫ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ନେଇ ସ୍ଥାନୀୟ ମିଡିଆ ରିପୋର୍ଟରୁ ଜଣାପଡ଼ିଛି । ମିଆଁମାର ରାଜଧାନୀ ନେପିଡାରେ ଥିବା ଏକ ୧୦୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲରେ ଶତାଧିକ ରୋଗୀ ପ୍ରଭାବିତ ହୋଇଛନ୍ତି । କିଛି ଆବାସିକ କୋଠା କ୍ଷତିଗ୍ରସ୍ତ ହୋଇଛି । ସେହିପରି ଭୂମିକମ୍ପ ଝଟକା ଯୋଗୁ ଇରାୱାଡି ନଦୀ ଉପରେ ପୁରୁଣା ପୋଲକୁ ଭୁଶୁଡ଼ି ପଡ଼ିଛି । ଶତାଧିକ ଲୋକ ନିଖୋଜ ରହିଥିବାରୁ ମୃତ୍ୟୁ ସଂଖ୍ୟା ବଢ଼ିବାପାରେ ବୋଲି ଆଶଙ୍କା କରାଯାଉଛି । ଭୂମିକମ୍ପ ପାଇଁ ମିଆଁମାର ଓ ଥାଇଲ୍ୟାଣ୍ଡରେ ଜରୁରୀକାଳୀନ ସେବା ପ୍ରଭାବିତ ହୋଇଛି । ବ୍ୟାଙ୍କକରେ ମେଟ୍ରୋ ସେବା ସ୍ଥଗିତ ରଖାଯାଇଥିବା ବେଳେ ପ୍ରଧାନମନ୍ତ୍ରୀ ପାଟୋଙ୍ଗଟାର୍ଣ୍ଣ ସିନାୱାତ୍ରା ସହରରେ 'ଜରୁରୀକାଳୀନ' ସ୍ଥିତି ଘୋଷଣା କରିଛନ୍ତି । (ପୃଷ୍ଠା-୩)

## ସାହାଯ୍ୟର ହାତ ବଢ଼ିଲେ ପ୍ରଧାନମନ୍ତ୍ରୀ ମୋଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ମିଆଁମାର ଏବଂ ଥାଇଲ୍ୟାଣ୍ଡରେ ହୋଇଥିବା ଭୟଙ୍କର ଭୂମିକମ୍ପ ଉପରେ ଚିନ୍ତା ପ୍ରକାଶ କରିଛନ୍ତି ଏବଂ କହିଛନ୍ତି ଯେ ଭାରତ ଦୁଇ ଦେଶକୁ ସମସ୍ତ ସମ୍ଭାବ୍ୟ ସହାୟତା ପ୍ରଦାନ କରିବାକୁ ପ୍ରସ୍ତୁତ ଅଛି ।ଭୂମିକମ୍ପ ଥାଇଲ୍ୟାଣ୍ଡର ଅନେକ ଅଂଶକୁ ଦୋହଲାଇ ଦେଇଛି, ଏହାର ରାଜଧାନୀ ବ୍ୟାଙ୍କକ ସମେତ, ଆଗାମୀ ସପ୍ତାହରେ ହେବାକୁ ଥିବା ଇଓଗଝଞରଉ ଆଞ୍ଚଳିକ ଗୋଷ୍ଠୀ ସମ୍ମିଳନୀର ସ୍ଥାନ ମଧ୍ୟ ପ୍ରଭାବିତ ହୋଇଛି । ଯେଉଁଥିରେ ମୋଦି ଅନ୍ୟାନ୍ୟ ନେତାଙ୍କ ସହିତ ଯୋଗଦେବାକୁ ଯୋଜନା କରିଛନ୍ତି ।"ମିଆଁମାର ଏବଂ ଥାଇଲ୍ୟାଣ୍ଡରେ ଭୂମିକମ୍ପ ପରେ ପରିସ୍ଥିତିରେ ଚିନ୍ତିତ । ସମସ୍ତଙ୍କ ସୁରକ୍ଷା ଏବଂ ମଙ୍ଗଳ ପାଇଁ ପ୍ରାର୍ଥନା କରୁଛି," ମୋଦି 'ଢ' ରେ କହିଛନ୍ତି । "ଭାରତ ସମସ୍ତ ସମ୍ଭାବ୍ୟ ସହାୟତା ପ୍ରଦାନ କରିବାକୁ ପ୍ରସ୍ତୁତ । ଏହି ପରିପ୍ରେକ୍ଷୀରେ, ଆମର କର୍ତ୍ତୃପକ୍ଷଙ୍କୁ ପ୍ରସ୍ତୁତ ରହିବାକୁ କୁହାଯାଇଛି । ବୈଦେଶିକ ମନ୍ତ୍ରଣାଳୟକୁ ମିଆଁମାର ଏବଂ ଥାଇଲ୍ୟାଣ୍ଡ ସରକାରଙ୍କ ସହିତ ଯୋଗାଯୋଗରେ ରହିବାକୁ ମଧ୍ୟ କହିଛନ୍ତି," ସେ କହିଛନ୍ତି ।

# ସେନାକୁ ମିଳିବ ୧୫୬ ପ୍ରଚଣ୍ଡ ହେଲିକପ୍ଟର
## ସବୁଠୁ ବଡ଼ ପ୍ରତିରକ୍ଷା ବୁଝାମଣାକୁ ମଞ୍ଜୁରି



**ନୂଆଦିଲ୍ଲୀ :** ୧୫୬ ମେଡ୍ ଇଣ୍ଡିଆ ଏଲ୍‌ସିଏଚ୍ ପ୍ରଚଣ୍ଡ ହେଲିକପ୍ଟର କିଣିବା ପାଇଁ ଆଜି ଯାଏ ସବୁଠାରୁ ବଡ଼ ପ୍ରତିରକ୍ଷା ଚୁକ୍ତିକୁ ମଞ୍ଜୁରି ମିଳିଛି । ପ୍ରତିରକ୍ଷା ମାମଲାର କ୍ୟାବିନେଟ୍ ସମିତିର ଆଜିର ଏହି ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ଚଳିତ ଆର୍ଥିକ ବର୍ଷରେ ୨.୦୯ ଲକ୍ଷ କୋଟି ଟଙ୍କାରୁ ଅଧିକ ଚୁକ୍ତି ଉପରେ ହସ୍ତାକ୍ଷର କରିଛି । ପ୍ରତିରକ୍ଷା ଅଧିକାରୀ ଏହି ସୂଚନା ଦେଇ କହିଛନ୍ତି ଯେ ଏହା ହିନ୍ଦୁସ୍ତାନ ଏୟରୋନଟିକ୍ସ ଲିମିଟେଡ୍ (ଏଚଏଏଲ୍) ପାଇଁ ଆଜି ଯାଏର ସବୁଠୁ ବଡ଼ ଅର୍ଡର । ହେଲିକପ୍ଟର କର୍ଣ୍ଣାଟକର ବେଙ୍ଗାଲୁରୁ ଓ ତୁମକୁର ସ୍ଥିତ ଏହାର ପ୍ଲାଣ୍ଟରେ ନିର୍ମାଣ କରାଯିବ ।ଉଲ୍ଲେଖଯୋଗ୍ୟ ଯେ ଭାରତ ନିଜର ସୈନ୍ୟ ଶକ୍ତିକୁ ଅଧିକ ମଜଭୁତ କରିବା ମାର୍ଗରେ ପଦକ୍ଷେପ ନେଉଛି । ଏହି ଚୁକ୍ତି ଆତ୍ମନିର୍ଭର ଭାରତକୁ ପ୍ରୋତ୍ସାହନ ଦେବା ଓ ସ୍ଥଳ ଏବଂ ବାୟୁ ସେନାର ଶକ୍ତି ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ହେବ ।ପ୍ରଚଣ୍ଡ ଦୁନିଆର ଏକମାତ୍ର ଆଟାକ୍ ହେଲିକପ୍ଟର, ଯିଏ ୧୬୪୦୦ ଫୁଟ୍ ଉଚ୍ଚରେ ବି ଉଡ଼ିପାରେ । ପ୍ରଚଣ୍ଡକୁ ମୁଖ୍ୟତଃ ସିଆଚିନ୍, ଲଦାଖ ଓ ଅରୁଣାଚଳ ପ୍ରଦେଶର ଉଚ୍ଚ ଅଞ୍ଚଳରେ ମୁତୟନ ପାଇଁ ଡିଜାଇନ୍ କରାଯାଇଛି । ଉଚ୍ଚ ଅଞ୍ଚଳରେ ମୁତୟନ ପାଇଁ ଏହା ଆଦର୍ଶ । ଆକାଶରୁ ଭୂପୃଷ୍ଠ ଓ ଆକାଶରୁ ଆକାଶରେ ଆକ୍ରମଣ କରିବାରେ ଏହା ସକ୍ଷମ । ମିସାଇଲରେ ଭର୍ତ୍ତି, ଶତ୍ରୁଙ୍କ ବାୟୁ ସୁରକ୍ଷାକୁ ମଧ୍ୟ ନଷ୍ଟ କରିପାରେ । (ପୃଷ୍ଠା-୩)

### ବିଧାୟକଙ୍କ ଦରମା ଓ ପୂର୍ବତନ ବିଧାୟକମାନଙ୍କ ପେନସନ୍ ବୃଦ୍ଧି ପ୍ରସଙ୍ଗ

# ବିଧାନସଭାରେ ଦାବି କଲେ ବିଜେପି ଓ ବିଜେଡି

- ୮ ମାସରେ ୨୪୮୩ଟି ଅନୁସୂଚିତ ଜାତି ଓ ଜନଜାତି ନିର୍ଯାତନା ଘଟଣା
- ଓଡ଼ିଶାର ବିଭିନ୍ନ ଜରାଶ୍ରମରେ ୨୪୭୫ ଅସହାୟ ଲୋକ ରହୁଛନ୍ତି: ମନ୍ତ୍ରୀ

**ଭୁବନେଶ୍ୱର :** ଆଜି ବିଧାନସଭାର ଶୁନ୍ୟକାଳରେ ବିଧାୟକଙ୍କ ଦରମା ଓ ପୂର୍ବତନ ବିଧାୟକ ମାନଙ୍କ ପେନସନ୍ ବୃଦ୍ଧି ନେଇ ଦାବି ଉଠାଇଛି ବିଜେଡି । ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏହି ପ୍ରସଙ୍ଗ ଉଠାଇ କହିଛନ୍ତି, "ବର୍ତ୍ତମାନ ବଜାର ଦର ବଢ଼ିଛି । ଅନେକ ପୂର୍ବତନ ବିଧାୟକ ପେନସନ ବଢ଼ାଇବା ପାଇଁ ଲବିକୁ ଆସିଛନ୍ତି । ମେଡ଼ିସିନ ଖର୍ଚ୍ଚ ହେଉ କି ବଜାର ଦର ଯାହା ଅଛି ତାହା ପେନସନ୍‌କୁ ଦେଖିଲେ ପର୍ଯ୍ୟାପ୍ତ ହେଉନି । ଏଥିପାଇଁ ଭାସ୍କର ମଢେଇଙ୍କ ଅଧ୍ୟକ୍ଷତାରେ ଗୋଟେ କମିଟି ଗଠନ ହୋଇଥିଲା । କମିଟିର ବୈଠକରେ ନିଷ୍ପତ୍ତି ନିଆଯାଇ ରିପୋର୍ଟ ଦିଆଯାଇଛି । ସେହି ରିପୋର୍ଟକୁ କାର୍ଯ୍ୟକାରୀ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ।" ବିଧାୟକ ଦରମା ବି ବଢିବା ଆବଶ୍ୟକ ଅଛି । ୨୦୧୭ରେ ଶେଷ ଥର ପାଇଁ ଦରମା ବଢ଼ିଥିଲା ୨୦୨୫ ହେଲାଣି ତାକୁ ବଢ଼ାଇବା ଦରକାର ଅଛି ବୋଲି କହିଲେ ପ୍ରମିଳା ମଲ୍ଲିକ । ବିଧାୟକଙ୍କ ଦରମା ଓ ପୂର୍ବତନ ବିଧାୟକଙ୍କ ପେନସନ୍ ବୃଦ୍ଧି ଦାବିକୁ ଦୋହରାଇଛନ୍ତି ବିଜେପି ବିଧାୟକ ପୂର୍ଣ୍ଣ ସେଠୀ । ସେ କହିଛନ୍ତି, "ମୁଁ ପୂର୍ବତନ ବିଧାୟକ ଭାବେ ଭୁକ୍ତଭୋଗୀ । କେତେ ଅସୁବିଧା ହେଉଛି ମୁଁ ନିଜେ ଅନୁଭବ କରିଛି । ସରକାରୀ କର୍ମଚାରୀଙ୍କ ପାଇଁ ବେତନ କମିଶନ ଅଛି କିନ୍ତୁ ବିଧାୟକଙ୍କ ପାଇଁ କେହି ନାହିଁ । କେବଳ ଆମର ମଢେଇ କମିଟି ସାହା ଭରସା । କୌଣସି ଗାଁକୁ ବିଧାୟକଟେ ଗଲେ ୧୦ରୁ ୩୦ ହଜାର ନଦେଲେ ହେଉନି । ତେଣୁ ମୁଁ ଦାବି କରୁଛି ବାଚସ୍ପତି ଭାସ୍କର ମଢେଇଙ୍କ କମିଟିର ସୁପାରିଶକୁ ଗ୍ରହଣ କରି ସରକାରଙ୍କୁ ଜୁନ୍ ମାସରୁ ପିଛିଲା ଭାବେ ଲାଗୁ କରିବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ ।"ସେପଟେ ପୂର୍ଣ୍ଣ ସେଠୀଙ୍କ ପ୍ରସ୍ତାବକୁ ସମର୍ଥନ ଜଣାଇଛନ୍ତି ବିଜେପି ବିଧାୟକ ପଦ୍ମଲୋଚନ ପଣ୍ଡା । ସେ କହିଛନ୍ତି, "ପୂର୍ବତନ ବିଧାୟକଙ୍କ ଅବସ୍ଥା ଦେଖିଲେ ଖରାପ ଲାଗୁଛି ବିଧାୟକଙ୍କ ଦରମା ଓ ପୂର୍ବତନ ବିଧାୟକଙ୍କ ପେନସନ୍ କ୍ଷେତ୍ରରେ ଆମ ରାଜ୍ୟ ୨୭ ନମ୍ବରରେ ରହିଛି । ତେଣୁ ତୁରନ୍ତ ବିଧାୟକଙ୍କ ଦରମା ଓ ପୂର୍ବତନ ବିଧାୟକଙ୍କ ପେନସନ୍ ବୃଦ୍ଧି କରାଯାଉ । ଦରମା ବୃଦ୍ଧି ନେଇ କମିଟି ଅଧ୍ୟକ୍ଷ ଭାସ୍କର ମଢ଼େଇ ଉଦବେଗ ପ୍ରକାଶ କରିଛନ୍ତି । ସେ କହିଛନ୍ତି, "ପୂର୍ବତନ ବିଧାୟକଙ୍କ ଅବସ୍ଥା ଅତି ଶୋଚନୀୟ । ଚଳିବାକୁ ଭାରି କଷ୍ଟ ହେଉଛି । କିଛି ପୂର୍ବତନ ବିଧାୟକଙ୍କ ଘର ଖଣ୍ଡେ ନାହିଁ । ୧୨ ମାସର ୧୩ ପର୍ବରେ ବିଧାୟକ ସାମିଲ ହେଉଛନ୍ତି । ବିଧାୟକଙ୍କୁ ସବୁ ଦେବାକୁ ପଡୁଛି । ଗୋଟିଏ କାର୍ଯ୍ୟକ୍ରମରେ ସାମିଲ ହେବାକୁ ହେଲେ ୨୦ ହଜାର ଖର୍ଚ୍ଚ ହେଉଛି । ବିଧାୟକଙ୍କ ଅବସ୍ଥା ଶୋଚନୀୟ । ଆମ ରାଜ୍ୟରେ ବିଧାୟକଙ୍କ ଦରମା ଓ ଭତ୍ତା ଅନ୍ୟ ରାଜ୍ୟଠାରୁ କମ୍ । କମିଟି ରିପୋର୍ଟକୁ କାର୍ଯ୍ୟକାରୀ କରାଯାଉ । (ପୃଷ୍ଠା-୩)

## ବନ୍ଦ ପଡିଥିବା ସ୍କୁଲରୁ ଫିଟିବ ତାଲା !

**ଭୁବନେଶ୍ୱର :** ପୂର୍ବ ସରକାରଙ୍କ ନିଷ୍ପତ୍ତି କାରଣରୁ ଅନେକ ସ୍କୁଲରେ ଝୁଲିଥିଲା ତାଲା । କିନ୍ତୁ ନୂଆ ସରକାର ବନ୍ଦ ଥିବା ସ୍କୁଲ ଖୋଲିବା ନେଇ ବିଚାର କରୁଥିବା କହିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ । ବିଚାର ଓ ବାସ୍ତବତା ଭିତରେ ଅନେକ ଦୂରତା ରହିଥିବାରୁ କେବେ ବନ୍ଦ ପଡିଥିବା ସ୍କୁଲରୁ ତାଲା ଫିଟିବ ତାହା ସବୁଠୁ ବଡ ପ୍ରଶ୍ନ । ନିର୍ବାଚନ ପ୍ରତିଶ୍ରୁତି ପୂରା କରିବାକୁ ପୁଣି ଥରେ ଭରସା ଦେଇଛନ୍ତି ମୋହନ ସରକାର । ବନ୍ଦ ପଡିଥିବା ହଜାର ହଜାର ସ୍କୁଲ ଖୋଲିବାକୁ ବିଧାନସଭାରୁ ସଂକେତ ଦେଇଛନ୍ତି ଗଣଶିକ୍ଷା ମନ୍ତ୍ରୀ । କମ ଛାତ୍ରଛାତ୍ରୀ ଥିବା ସ୍କୁଲକୁ ଅନ୍ୟ ସ୍କୁଲ ସହ ମିଶ୍ରଣ କରିବାକୁ ନିଷ୍ପତ୍ତି ନେଇଥିଲେ ପୂର୍ବ ସରକାର । ଯାହାଦ୍ୱାରା ହଜାର ହଜାର ସ୍କୁଲରେ ତାଲା ଝୁଲିଥିଲା । କିନ୍ତୁ ଏବେ ବନ୍ଦ ସ୍କୁଲକୁ ଖୋଲିବାକୁ ଅଣ୍ଟା ଭିଡ଼ିଛନ୍ତି ସରକାର । ଏନେଇ ବିଧାନସଭାରେ ବିଜେଡି ବିଧାୟକ ଗଣେଶ୍ୱର ବେହେରାଙ୍କ ପ୍ରଶ୍ନର ଉତ୍ତର ରଖିଛନ୍ତି ଗଣଶିକ୍ଷା ମନ୍ତ୍ରୀ । ସଂରକ୍ଷିତ ଅଞ୍ଚଳରେ ୨୦ ଓ ଅଣସଂରକ୍ଷିତ ଅଞ୍ଚଳରେ ୪୦ ପିଲା ଥିଲେ ସ୍କୁଲ ଖୋଲିବାକୁ ହେବ ବିଚାର । ପୂର୍ବ ସରକାର ୫୬୩୨ ସ୍କୁଲକୁ ମିଶ୍ରଣ କରିଛନ୍ତି । ୧୦୦ ମିଟର ବ୍ୟବଧାନରେ ୨୧୫୨ଟି ସାଟେଲାଇଟ ସ୍କୁଲର ହୋଇଛି ମିଶ୍ରଣ ।

# ଶେଷ ହେଉଛି ପରିବାର : ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ :** ପରିବାର ଭାଙ୍ଗିଯିବା ଉପରେ ଚିନ୍ତା ପ୍ରକାଶ କରି ସୁପ୍ରିମକୋର୍ଟ ଗୁରୁବାର କହିଛନ୍ତି ଯେ ଭାରତରେ ଲୋକମାନେ 'ବସୁଧୈବ କୁଟୁମ୍ବକମ' ନୀତିରେ ବିଶ୍ୱାସ କରନ୍ତି କିନ୍ତୁ ସେମାନଙ୍କ ନିକଟ ସମ୍ପର୍କୀୟଙ୍କ ସହିତ ମଧ୍ୟ ଏକତାରେ ରହିବାରେ ବିଫଳ ହେଉଛନ୍ତି । ବିଚାରପତି ପଙ୍କଜ ମିଠାଲ ଏବଂ ଏସ ଭି ଏନ ଭଟ୍ଟିଙ୍କ ଖଣ୍ଡପୀଠ କହିଛନ୍ତି ଯେ ପରିବାରର ଧାରଣା ଧୀରେ ଧୀରେ ଲୋପ ପାଇବାକୁ ଲାଗିଛି ଏବଂ ସମାଜରେ 'ଗୋଟିଏ ବ୍ୟକ୍ତି-ଗୋଟିଏ ପରିବାର' ଧାରା ବୃଦ୍ଧି ପାଉଛି । ଜଣେ ମହିଳାଙ୍କ ଦ୍ୱାରା ଦାଖଲ ଏକ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଏହି ମନ୍ତବ୍ୟ ଦେଇଛନ୍ତି, ଯେଉଁଥିରେ ସେ ତାଙ୍କ ବଡ଼ ପୁଅକୁ ଘରୁ ବାହାର କରିବାକୁ ଦାବି କରିଥିଲେ । ଏହି ମାମଲାରେ, ଏହା ଜଣାପଡ଼ିଲା ଯେ ଆବେଦନକାରୀ ସମତୋଲା ଦେବୀ ଏବଂ ତାଙ୍କ ସ୍ୱାମୀ କଲ୍ଲୁ ମଲଙ୍କ ତିନି ପୁଅ ଏବଂ ଦୁଇଟି ଝିଅ ଥିଲେ । କଲ୍ଲୁ ଙ୍କ ମୃତ୍ୟୁ ହୋଇସାରିଛି ଏବଂ ମାତାପିତାଙ୍କର ସେମାନଙ୍କ ପୁଅମାନଙ୍କ ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ନଥିଲା । ଅଗଷ୍ଟ ୨୦୧୪ରେ, କଲ୍ଲୁ ମଲ ସ୍ଥାନୀୟ ଏସଡିଏମଙ୍କ ନିକଟରେ ଏକ ଅଭିଯୋଗ ଦାଖଲ କରିଥିଲେ, ଯେଉଁଥିରେ ସେ ତାଙ୍କ ବଡ଼ ପୁଅ ଉପରେ ମାନସିକ ଏବଂ ଶାରୀରିକ ନିର୍ଯ୍ୟାତନା ଦେଉଥିବାର ଅଭିଯୋଗ କରିଥିଲେ । ଏହା ପରେ, ୨୦୧୭ ମସିହାରେ, ଦମ୍ପତି ସେମାନଙ୍କ ପୁଅମାନଙ୍କ ବିରୁଦ୍ଧରେ ଭରଣପୋଷଣ ଦାବି କରି ଏକ ମାମଲା ଦାୟର କରିଥିଲେ, ଯାହାକୁ ସୁଲତାନପୁରର ପରିବାର ଅଦାଲତରେ ଏକ ଫୌଜଦାରୀ ମାମଲା ଭାବରେ ବିବେଚନା କରାଯାଇଥିଲା । କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ପୁଅମାନେ ପ୍ରତି ମାସରେ ସେମାନଙ୍କ ପିତାମାତାଙ୍କୁ ୪,୦୦୦ ଟଙ୍କା ଦେବେ ।

## ବାକ୍ ସ୍ୱାଧୀନତା ସମାଜର ଅବିଚ୍ଛେଦ୍ୟ ଅଂଶ

ସୁପ୍ରିମ କୋର୍ଟ ଶୁକ୍ରବାର କହିଛନ୍ତି ଯେ ଅଭିବ୍ୟକ୍ତି ସ୍ୱାଧୀନତା ଏକ ସୁସ୍ଥ ସଭ୍ୟ ସମାଜର ଏକ "ଅବିଚ୍ଛେଦ୍ୟ ଅଂଶ" । ସୋସିଆଲ ମିଡିଆରେ କଂଗ୍ରେସ ସାଂସଦ ଇମ୍ରାନ ପ୍ରତାପଗଡ଼ୀଙ୍କ ଦ୍ୱାରା ଅପଲୋଡ୍ କରାଯାଇଥିବା ଏକ କବିତାକୁ ନେଇ ଗୁଜରାଟରେ ଦାୟର କରାଯାଇଥିବା ଏଫଆଇଆରକୁ ଖାରଜ କରି କୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି ।

ସୁପ୍ରିମକୋର୍ଟ ଗୁଜରାଟ ପୋଲିସ ବିରୁଦ୍ଧରେ କଡ଼ା ମନ୍ତବ୍ୟ ଦେଇ କହିଛନ୍ତି ଯେ ଶତ୍ରୁତାକୁ ପ୍ରୋତ୍ସାହିତ କରିବାର ଅପରାଧକୁ "ଅସୁରକ୍ଷିତ ଲୋକଙ୍କ" ମାନଦଣ୍ଡ ଦ୍ୱାରା ବିଚାର କରାଯାଇପାରିବ ନାହିଁ ଯେଉଁମାନେ ସବୁକିଛିକୁ ଏକ ବିପଦ କିମ୍ବା ସମାଲୋଚନା ଭାବରେ ଦେଖନ୍ତି ।"ସୁସ୍ଥ ଗଣତନ୍ତ୍ର ଚିନ୍ତାଧାରା ଏବଂ ଦୃଷ୍ଟିକୋଣର ଅଭିବ୍ୟକ୍ତି ସ୍ୱାଧୀନତାକୁ ଅନୁମତି ଦିଏ । କବିତା, ନାଟକ, କଳା, ବ୍ୟଙ୍ଗ ସମେତ ସାହିତ୍ୟ ଜୀବନକୁ ସମୃଦ୍ଧ କରିଥାଏ," ଜଷ୍ଟିସ୍ ଏଏସ୍ ଓକା ଏବଂ ଜଷ୍ଟିସ୍ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି । ଶିବସେନା ମୁଖ୍ୟ ଏକନାଥ ସିନ୍ଦେଙ୍କୁ ଏକ କମେଡି ଶୋ'ରେ "ବିଶ୍ୱାସଘାତକ" ବୋଲି କହି ମାନହାନି ମାମଲା ସାମ୍ନା କରୁଥିବା ହାସ୍ୟ ଅଭିନେତା କୁନାଲ କାମରାଙ୍କ ସହ ଜଡିତ ବିବାଦର ପୃଷ୍ଠଭୂମିରେ ଏହି ରାୟ ଗୁରୁତ୍ୱପୂର୍ଣ୍ଣ ।

### ବଢିଲା ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା

# ୨ ପ୍ରତିଶତ ବୃଦ୍ଧିକୁ ମିଳିଲା ମଞ୍ଜୁରୀ

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ମହଙ୍ଗା ଭତ୍ତା ରେ ୨ ପ୍ରତିଶତ ବୃଦ୍ଧିକୁ ମଞ୍ଜୁରୀ ଦେଇଛି । ସରକାର ମାର୍ଚ୍ଚ ମାସରେ ମହଙ୍ଗା ଭତ୍ତା ବୃଦ୍ଧି ଘୋଷଣା କରିଛନ୍ତି । ଏପରି କ୍ଷେତ୍ରରେ, ଦୁଇ ମାସର ବକେୟା ପାଉଣାକୁ ଏକାଠି ମିଶାଇ ମାର୍ଚ୍ଚ ମାସର ଦରମା ସହିତ ଦିଆଯିବ । କେନ୍ଦ୍ର ସରକାରୀ କର୍ମଚାରୀମାନଙ୍କୁ ପ୍ରଚଳିତ ମୁଦ୍ରାସ୍ଫୀତି ହାର ଏବଂ ସେମାନଙ୍କର ମୂଳ ଦରମା ଆଧାରରେ ମହଙ୍ଗା ଭତ୍ତା ପ୍ରଦାନ କରାଯାଏ, ଯେତେବେଳେ ପେନସନ ଭୋଗୀମାନଙ୍କୁ ମହଙ୍ଗା ସହାୟତା ମିଳିଥାଏ । ସେମାନଙ୍କର ଲକ୍ଷ୍ୟ ହେଉଛି କର୍ମଚାରୀ ଏବଂ ପେନସନ ଭୋଗୀଙ୍କ ଉପରେ ମୁଦ୍ରାସ୍ଫୀତିର ବୋଝ ହ୍ରାସ କରିବା । ମୁଦ୍ରାସ୍ଫୀତି ହାର ଆଧାରରେ ସରକାର ବର୍ଷକୁ ଦୁଇଥର ଏହାକୁ ପରିବର୍ତ୍ତନ କରନ୍ତି । ମହଙ୍ଗା ଭତ୍ତାର ନୂତନ ହାର ଜାନୁଆରୀରୁ ଜୁନ ଅଧା ବର୍ଷ ପାଇଁ ଏବଂ ତା'ପରେ ଜୁଲାଇ ରୁ ଡିସେମ୍ବର ଅଧା ବର୍ଷ ପାଇଁ ପ୍ରଯୁଜ୍ୟ । ସରକାରଙ୍କ ଦ୍ୱାରା ଘୋଷଣା ହୋଇଥିବା ମହଙ୍ଗା ଭତ୍ତାର ଲାଭ କେବଳ ସରକାରୀ କର୍ମଚାରୀ ଏବଂ ସାର୍ବଜନୀନ କ୍ଷେତ୍ରର ଉପକ୍ରମ ଅର୍ଥାତ ସରକାରୀ କମ୍ପାନୀଗୁଡ଼ିକରେ କାମ କରୁଥିବା ଲୋକଙ୍କ ପାଇଁ ଉପଲବ୍ଧ । ଘରୋଇ କ୍ଷେତ୍ରରେ କାମ କରୁଥିବା ଲୋକମାନେ ଏଥିରୁ କୌଣସି ଲାଭ ପାଆନ୍ତି ନାହିଁ । ଏଥର ସରକାର ଉଇ ୨% ବୃଦ୍ଧି କରିଛନ୍ତି । ଏହି ବୃଦ୍ଧି ପରେ, ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫୩% ରୁ ୫୫% କୁ ବୃଦ୍ଧି ପାଇଛି । ଏହି ବୃଦ୍ଧି ଜୁଲାଇ-ଡିସେମ୍ବର ୨୦୨୪ ପାଇଁ ଅଖିଳ ଭାରତୀୟ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ ତଥ୍ୟ ଆଧାରରେ କରାଯାଇଛି । ଯଦି ଜଣେ କର୍ମଚାରୀଙ୍କ ମୂଳ ଦରମା ୧୮ ହଜାର ଟଙ୍କା ହୁଏ, ତେବେ ୨ ପ୍ରତିଶତ ବୃଦ୍ଧି ପରେ, ସେ ପ୍ରତି ମାସରେ ୩୬୦ ଟଙ୍କା ଅଧିକ ପାଇବେ । ଏହିପରି, ବର୍ଷକୁ ୪,୩୨୦ ଟଙ୍କା ଅତିରିକ୍ତ ଆୟ ହେବ । ଅନ୍ୟପକ୍ଷରେ, ଯଦି ଜଣେ ପେନସନଭୋଗୀଙ୍କ ମୂଳ ପେନସନ ୯,୦୦୦ ଟଙ୍କା ହୁଏ, ତେବେ ୨ ପ୍ରତିଶତ ବୃଦ୍ଧି ସହିତ, ସେ ପ୍ରତି ମାସରେ ୧୮୦ ଟଙ୍କା ଅଧିକ ପାଇବେ । ଏହାର ଅର୍ଥ ହେଉଛି ତାଙ୍କୁ ଗୋଟିଏ ବର୍ଷରେ ତାଙ୍କ ପେନସନରେ ୨,୧୬୦ ଟଙ୍କା ଲାଭ ମିଳିବ ।ମହଙ୍ଗା ଭତ୍ତା ହେଉଛି ସରକାରୀ କର୍ମଚାରୀମାନଙ୍କୁ ବର୍ଦ୍ଧିତ ମୁଦ୍ରାସ୍ଫୀତି ଅନୁସାରେ ସେମାନଙ୍କର ମୂଳ ଦରମା ସଜାଡ଼ିବା ପାଇଁ ଦିଆଯାଇଥିବା ଏକ ରାଶି ।

# ଏଟିଏମ ସେବା ନ ଦେଇ ଲୁଟ୍‌କରୁଛି ଡାକ ବିଭାଗ ! ଗ୍ରାହକ ଅସନ୍ତୋଷ




**ବ୍ରହ୍ମପୁର,(ନି.ପ୍ର) :** ସରକାର ଙ୍କ ଯୋଜନା ମାଳ ମାଳ ହେଲେ କାମ ପୁରା ଦୁର୍ବଳ, ଆମେ କହୁଛୁ ଏମିତି ଏକ ଘଟଣା ଯାହା କେନ୍ଦ୍ର ସରକାର ଙ୍କ ଯୋଜନା ଡାକ ବିଭାଗ କଥା ଯାହା ଆପଣଙ୍କୁ ସ୍ତବ୍ଧ କରିଦେବ । ଆମେ କହୁଛୁ ଗଞ୍ଜାମ ଜିଲ୍ଲାରେ ରହିଥିବା ଡାକ ବିଭାଗ ର କଥା, ଆପଣ ମାନେ ଜାଣନ୍ତି ଯେ ବହୁ ବର୍ଷ ହେବ ଡାକ ବିଭାଗ ର ବିଷୟରେ ସବୁବେଳେ ଆମେ ଜାଣିଛେ ଯେ ସେ ଶୁଭେଚ୍ଛା ବାର୍ତା ଟି ହେଉ କି କୌଣସି ଅଫିସ ହେଉ ସଦା ସର୍ବଦା ଜନତା ଜନାର୍ଦନ ଙ୍କ ଭରସା ପୋଷ୍ଟେଲ ଡିପାର୍ଟମେଣ୍ଟ ଉପରେ ? ହେଲେ ସବୁବେଳେ ଏହି ଡିପାର୍ଟମେଣ୍ଟ ରେ ପ୍ରାୟତଃ ଲିଙ୍କ ଫେଲ କେତେବେଳେ ଷ୍ଟାଫ ମାନଙ୍କ ମନ ମୁଖି କାର୍ଯ୍ୟ, ଗୋଟେ ଲୋକ ଯଦି ପୋଷ୍ଟ ଅଫିସ କୁ ଆସେ ତାକୁ ଅତି କମରେ ଗୋଟେ ଦିନ ତାର ବିତିଯାଏ । କେନ୍ଦ୍ରୀୟ ସରକାର ଙ୍କ ପ୍ରାୟତଃ ଡାକ ବିଭାଗ ରେ ସମସ୍ତ ଶେଭିଙ୍ଗ ଆକାଉଣ୍ଟ ଧାରୀ ଙ୍କୁ ( ଏ ଟି ଏମ ) କାର୍ଡ ର ସୁବିଧା ମଧ୍ୟ ଦେଇଥାଏ ଡାକ ବିଭାଗ। କିନ୍ତୁ ବଡ଼ ଦୁର୍ଭାଗ୍ୟ କଥା ଏ ଟି ଏମ କାର୍ଡ ଦେଉଛନ୍ତି କିନ୍ତୁ ଗ୍ରାହକ ତାହାରି ୟୁଜ ନକରି ବର୍ଷ କୁ ଶହେ ଶତ ଚାଲିଶି ଟଙ୍କା ଟେକ୍ସ ଦେବାକୁ ପଡୁଛି ଗ୍ରାହକ ଙ୍କୁ। କିନ୍ତୁ ଜଣେ ଗରିବ ଲୋକଙ୍କୁ ବିନା ଏ ଟି ଏମ ୟୁଜ ନକରି ନିଜ ପେଟକୁ ମାରି ରଖିଥିବା ଟଙ୍କା କୁ ଲୁଟି ଚାଲିଛି ଡାକ ବିଭାଗ । ସବୁବେଳେ ଡାକ ବିଭାଗ ରେ ଦୁର୍ନୀତି ହେଉଛି କିନ୍ତୁ ଗରିବ ମାନେ ପ୍ରତିବାଦ କରିଲେ ଓଲଟା ଡାକ ଅଧିକାରୀ ଙ୍କ ଦ୍ୱାରା ଲଜିତ ହେବାକୁ ପଡୁଛି ଏହା କଣ ଆମେ କରୁଛୁ ଯାଅ ସରକାର ଙ୍କୁ କହିବ । ହେଲେ ଜଣେ ସାଧାରଣ ଜନତା ଡାକ ବିଭାଗ ରେ ଖାତା ଖୋଲିବ ଆଉ କେଇ ଟଙ୍କା ପାଇଁ ସରକାର ଙ୍କ ପାଖକୁ ଯିବ ଏହା କେତେ ଯୁକ୍ତି ଯୁକ୍ତ ବୋଲି ବୁଦ୍ଧି ଯିବି ମହଲ ରେ ଚର୍ଚ୍ଚା ଦେଖିବାକୁ ମିଳୁଛି। ଯଦି କେନ୍ଦ୍ରୀୟ ସରକାର ଙ୍କ ଡାକ ସେବାରେ ସାଧାରଣ ଲୋକଙ୍କୁ ଏ ଟି ଏମ ନ ଯୋଗାଇ ଏ ଭଳି ଲୁଟ କରିବା ଯେମିତି ବିରି ମାଡ଼ରେ କୋଳଥ ଚୋପା ଭଳି ମନେ ହେଉଛି। ଡାକ ବିଭାଗ ର ଯେଉଁ ଗରିବ ମାନଙ୍କୁ ଏ ଟି ଏମ ଦେଉଛନ୍ତି ଭଲ କିନ୍ତୁ ତାହା ସଠିକ ଭାବେ କାର୍ଯ୍ୟ କାରି କରି ସେଥିରୁ ଟିକସ ସରକାର ନେବା ଆବଶ୍ୟକ ରହିଛି ବୋଲି ସାଧାରଣ ଚର୍ଚ୍ଚା ଦେଖିବାକୁ ମିଳୁଛି । ଏଥିପ୍ରତି ଓଡିଶା ଡାକ ବିଭାଗ ଦୃଷ୍ଟି ଦେବା ସହ ବ୍ରହ୍ମପୁର ସୁପରଟେଣ୍ଡେଣ୍ଟ ଦୃଷ୍ଟି ଦେଲେ ଜଣେ ସାଧାରଣ ଗରିବ ଲୋକଟି ଉପକୃତ ହୋଇପାରିବ ବୋଲି ଅଞ୍ଚଳ ରେ ଚର୍ଚ୍ଚା ଦେଖିବାକୁ ମିଳୁଛି।

# ଓଡଗାଁରେ ଛତିଶଗଡ଼ ପୋଲିସ୍‌ର ଛାନ୍‌ଭିନ୍

## ତିନି ଅଭିଯୁକ୍ତ ଗିରଫ



**ଓଡଗାଁ,(ନି.ପ୍ର) :** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ଅଂଚଳରେ-ଛତିଶିଗଡ ପୋଲିସ ର ଛାନିଭିନ । ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଅସଦ୍ ବ୍ୟବହାରରେ ଖଳ ପ୍ରକୃତିର ବ୍ୟକ୍ତିମାନେ କିପରି ଅନ୍ୟମାନଙ୍କୁ ସର୍ବସାନ୍ତ କରନ୍ତି ତାର ଉଦାହରଣ ଦେଖିବାକୁ ମିଳିଛି ଓଡଗାଁ ଅଞ୍ଚଳରେ । ଘଟଣା ଅନୁଯାଇ ଓଡଗାଁ ଏନଏସି ଅଞ୍ଚଳର ୩ ଯୁବକ ଏକ ମାମଲାରେ ସମ୍ପୃକ୍ତ ଥିବା ଦର୍ଶାଇ ସୁପ୍ରିମ୍ କୋର୍ଟଙ୍କ ଏକ ୱାରେଣ୍ଟର କପି ହ୍ୱାଟ୍ସଅପ ମାଧ୍ୟମରେ ଛତିଶଗଡ଼ର କୁତୁଆଲି ଜିଲ୍ଲା ବାଲୋଦା ବଜାର ଥାନା ନୂଆ ବସଷ୍ଟାଣ୍ଡ ନିକଟ ଏଫସିଆଇ ଗୋଦାମ ପାଖରେ ରହୁଥିବା ରୋଶନ କୁମାରଙ୍କ ପତ୍ନୀ ସୃଷ୍ଟି ଗୁପ୍ତାଙ୍କୁ ସୂଚନା ଦେଇଥିଲେ । ଗିରଫଦାରୀ ଏଡେଇବା ପାଇଁ ଅଭିଯୁକ୍ତ ମାନେ ତାଙ୍କଠାରୁ ଟଙ୍କା ଦାବିକରିଥିଲେ । ଭୟ ଦେଖାଇ ବିଭିନ୍ନ ପ୍ରକାରର କ୍ୟୁବାର କୋର୍ଡ ବ୍ୟବହାର କରି ଅଭିଯୁକ୍ତ ମାନେ ତାଙ୍କଠାରୁ ୩ଲକ୍ଷ ୪୮ହଜାର ଟଙ୍କା ଲୁଟିଥିଲେ। ପରେ ସୃଷ୍ଟି ସାଇବର ଫ୍ରଡ଼ରେ ଫସିଥିବା ସନ୍ଦେହ କରି ୪ଫେବୃଆରୀ ୨୦୨୫ରେ ବାଲୋଦା ଥାନାରେ ଲିଖିତ ଅଭିଯୋଗ କରିବା ପରେ କେସ୍ ନମ୍ବର ୧୨୧/୨୫ରେ ମାମଲା ରୁଜୁ କରି ପୋଲିସ୍ ତଦନ୍ତ ଆରମ୍ଭ କରିଥିଲା । ଶେଷରେ ଛତିଶଗଡ଼ ପୋଲିସ୍ ଓଡଗାଁରେ ପହଞ୍ଚି ସ୍ଥାନୀୟ ଆଦର୍ଶ ଥାନା ପୋଲିସ୍ ସହାୟତାରେ ୩ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ଜାରିଙ୍ଗି ନୂଆସାହି କାମରାଜ ଅଚାରୀଙ୍କ ପୁଅ ଶିବଶଙ୍କର (୨୩), ମଠଖଜୁରିଆ ମହେଶ୍ୱର ବାରିକଙ୍କ ପୁଅ କାଳୁଚରଣ (୨୩) ଓ ବିଜୟା ମଣ୍ଡପ ସାହିର ପ୍ରିୟରଞ୍ଜନ ବିଶୋଇଙ୍କ ପୁଅ ଦେବନାଥ (୨୦) । ସମସ୍ତଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଇବା ପରେ ଛତିଶଗଡ଼ ପୋଲିସକୁ ହସ୍ତାନ୍ତର କରାଯାଇ ଥିବା ବେଳେ ଏଥିରେ ଅନ୍ୟ କାହାରି ହାତ ଅଛି ତଦନ୍ତ ଚାଲିଥିବା ସୁଚନା ମିଳିଛି।

# ଜାତୀୟ ଗ୍ରାମାଞ୍ଚଳ ଗରିବ ମେଧାବୃତ୍ତି ପାଇଲେ ସ୍ୱୟଂଶ୍ରଧା ମହାକୁଡ଼



**ନୂଆଗାଁ ବ୍ଲକ,(ନି.ପ୍ର) :** ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ହରିପୁର ପଂଚାୟତର ସାରଙ୍ଗ ଧର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ଅଷ୍ଟମ ଶ୍ରେଣୀର ଛାତ୍ରୀ ପାଇଲେ ଜାତୀୟ ଗ୍ରାମାଂଚଳ ଗରିବ ମେଧାବୃତ୍ତି। ବିଦ୍ୟାଳୟ, ଅଂଚଳ ଓ ବନ୍ଧୁବାନ୍ଧବ ଙ୍କ ଠାରୁ ଆସୁଛି ଶୁଭେଚ୍ଛା ର ସୁଅ। ସୁଚନା ମୁତାବକ ନୂଆଗାଁ ବ୍ଲକ ର ତିନିଜଣ ଜାତୀୟ ଗ୍ରାମାଂଚଳ ଗରିବ ମେଧାବୃତ୍ତି ପାଇଥିବା ବେଳେ ନୂଆଗାଁ ଆଦର୍ଶ ବିଦ୍ୟାଳୟ ଓ ନୂଆଗାଁ ହାଇସ୍କୁଲ ର ଜଣେ ଲେଖାଏଁ ଏହି ମେଧା ବୃତ୍ତି ପାଇଥିବା ବେଳେ ମୋଟ ତିନିଜଣ ମଧ୍ୟରୁ ହରି ପୁରୁ ପଂଚାୟତର ଗ୍ରାମାଂଚଳ ରେ ଥିବା ସାରଙ୍ଗ ଧର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ଅଷ୍ଟମ ଶ୍ରେଣୀର ଛାତ୍ରୀ ସ୍ୱୟଂ ଶ୍ରଦ୍ଧା ମହାକୁଡ଼ ଆଜି ଜାତୀୟ ଗ୍ରାମାଂଚଳ ଗରିବ ମେଧାବୃତ୍ତି ପାଇଥିବାରୁ ବିଦ୍ୟାଳୟ ରେ ଉଛାହ ଦେଖିବାକୁ ମିଳିଥିଲା। ବାପା ବନବାସୀ ମହାକୁଡ଼ ଜଣେ ମଧ୍ୟବିତ୍ତ ପରିବାରର ପ୍ରତ୍ୟେକ ପେପର ଏଜେଣ୍ଟ ଆଣି ବିକ୍ରି କରୁଛନ୍ତି। ଝିଅର ସଫଳତା କୁ ଦେଖି ବିଭିନ୍ନ ମହଲରୁ ଶୁଭେଚ୍ଛା ର ସୁଅ ଛୁଟିଥିଲା।

# ଚତୁର୍ଥ ବାଟାଲିୟନ ବି କମ୍ପାନୀ ସିଆରପିଏଫର ଜନସମ୍ପର୍କ କାର୍ଯ୍ୟକ୍ରମ




**ରାୟଗଡ଼ା,(ନି.ପ୍ର) :** ଗତ ୯ ତାରିଖ ଦିନ ବାଟାଲିୟନ ପକ୍ଷରୁ ଡିମିରିଗୁଡ଼ା କ୍ୟାମ୍ପସରେ ସିଆରପିଏଫ୍ କମାଡେଣ୍ଟ ଫୀରୋଜ କୁଜୁର୍ ଙ୍କ ନିର୍ଦ୍ଦେଶରେ ମଧୁମଖି ଚାଷ ଓ ମହମ ବତି ତିଆରି ପାଇଁ ମହିଳା ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିବା ବେଳେ ଆଜି ଡେପୁଟି କମାଡେଣ୍ଟ ମୁକେଶ ସିଂ ଓ ଚତୁର୍ଥ ବାହିନୀ କମ୍ପାନୀ କମାଣ୍ଡର ରାମକେସ ମୀନାଙ୍କ ଉପସ୍ଥିତିରେ ମହିଳା ମାନଙ୍କୁ ଉତ୍ସାହିତ କରିବା ପାଇଁ ଉପକରଣ ମାନ ପ୍ରଦାନ କରାଯାଇଛି। ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଅନ୍ତର୍ଗତ ଡିମିରିଗୁଡ଼ା ଠାରେ ଥିବା ବି.କମ୍ପାନୀ ଚତୁର୍ଥ ବାଟାଲିୟନଙ୍କ ଦ୍ୱାରା ଜନ ସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡେପୁଟି କମାଡେଣ୍ଟ ମୁକେଶ ସିଂ ଓ ଚତୁର୍ଥ ବାହିନୀ କମ୍ପାନୀ କମାଣ୍ଡର ରାମକେସ ମୀନା ଉପସ୍ଥିତ ରହି ଥିଲେ। ଏହି ଜନ ସମ୍ପର୍କ କାର୍ଯ୍ୟକ୍ରମରେ ଚତୁର୍ଥ ବାଟାଲିୟନ ଦ୍ୱାରା ଅଞ୍ଚଳର ଗରିବ ଓ ଅସହାୟ ଲୋକଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ ଉପକରଣ ପ୍ରଦାନ କରାଯାଇଥିଲା।କାର୍ଯ୍ୟକ୍ରମରେ ରାଘୁବାରୀ, ଦୋରା ଗାଁ, ଭାଲିଆପଦର, ଟିକରପଡା, ଡେମା ପଦର ଗ୍ରାମର ମହିଳା ଗୋଷ୍ଠୀଙ୍କୁ ମହୁମାଛି ଚାଷ ନିମନ୍ତେ ମଧୁମଖି ରହିବା ବସ୍କ, ଓ ଡିମିରିଗୁଡ଼ା ମହିଳା ଗୋଷ୍ଠୀଙ୍କୁ ମହବତି ତିଆରି ପାଇଁ ଉପକରଣ ସହ କଞ୍ଚା ମାଲ ଯୋଗାଇ ଦିଆଯାଇଛି। ଏସ ଆଇ ସୁନାକର ଜେନା ଏସ ଆଇ ରାମ ସିଂ,ଏସ ଆଇ ଅକ୍ଷୟ କୁମାର ଓ ସୁନୀଲ କୁମାର, ଡିମିରିଗୁଡା ସରପଞ୍ଚ ଚୁମୁଲି ମାଝୀ, ରଘୁବାରି ସରପଞ୍ଚ ନାଉଙ୍ଗା ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିବା ବେଳେ ଚତୁର୍ଥ ବାଟାଲିୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଭିଜିଲାନ୍ସ ଜାଲରେ ବରିଷ୍ଠ କିରାଣି

## ୨୦ ହଜାର ଟଙ୍କା ନେବାବେଳେ ଧରାପଡିଲେ



**ଆଠମଲ୍ଲିକ, (ନି.ପ୍ର) :** ଭିଜିଲାନ୍ସ ଜାଲ ରେ ଆଠମଲ୍ଲିକ ତହସିଲର ବରିଷ୍ଠ କିରାଣୀ ସତ୍ୟପ୍ରିୟ ନାୟକ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ମାଡ଼ିବସିଲା ଭିଜିଲାନ୍ସ ଟିମ୍ । ପୈତୃକ ସମ୍ପତ୍ତି ର ଭାଇ ଭାଗ ପଟ୍ଟା କରାଇ ଦେବା ପାଇଁ ମାଗିଥିଲେ ଲାଞ୍ଚ । ପ୍ରଥମେ ଆବେଦନ କରାଇ ଦେବାକୁ ଅନୁରୋଧ କରିଥିଲେ ହିତାଧିକାରୀ। କିନ୍ତୁ ଟଙ୍କା ଦେଲେ ଆବେଦନ କରିବେ ବୋଲି କହିଥିଲେ ସତ୍ୟପ୍ରିୟ। ଆଜି ଆଠମଲ୍ଲିକ ଏସବିଆଇ ମୁଖ୍ୟ ଶାଖା ଏଟିଏମ ସମ୍ମୁଖରେ ଲାଞ୍ଚ ନେବା ବେଳେ ମାଡିବସିଲା ଭିଜିଲାନ୍ସ । ଅଭିଯୋଗକାରୀ କେନ୍ଦୁପାଟି ଗ୍ରାମର ଚରଣ ନାୟକଙ୍କ କହିବା ଅନୁସାରେ, ଏହି କାମ ପାଇଁ ଦୀର୍ଘ ୬ ମାସ ହେଲା ଆଠମଲ୍ଲିକ ତହସିଲ ବିଭାଗ ତାଙ୍କୁ ଦଉଡାଉ ଥିଲେ । ଟ୍ରାପ ପରେ ସତ୍ୟପ୍ରିୟ ନାୟକଙ୍କ ଦୁଇଟି ସ୍ଥାନରେ ଆୟ ବର୍ହିଭୁତ ସମ୍ପତ୍ତି ଯାଞ୍ଚ କରୁଛି ଭିଜିଲାନ୍ସ।

# ଜାତୀୟ କଂଗ୍ରେସର ଗଣ ମାଧ୍ୟମ ଅଧକ୍ଷଙ୍କୁ ସ୍ୱାଗତ କଲେ ଗୁଣପୁର ବିଧାୟକ



**ଗୁଣୁପୁର, (ନି.ପ୍ର) :** ଜାତୀୟ କଂଗ୍ରେସର ଗଣମାଧ୍ୟମ ଏବଂ ପ୍ରଚାର ବିଭାଗ ଚେୟାରମେନ ଶ୍ରୀଯୁକ୍ତ ପୱନ୍ ଖେର । ଜୀ ଓଡ଼ିଶା ପହଞ୍ଚିବା ପରେ ତାଙ୍କୁ ଓଡ଼ିଶା କଂଗ୍ରେସ କମିଟି ପକ୍ଷରୁ ସ୍ୱାଗତ କରାଗଲା । ଏହି ଅବସରରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ଭକ୍ତ ଚରଣ ଦାସ ଏବଂ ବିଧାୟକ ସାଗର ଚରଣ ଦାସ ତଥା ଗୁଣୁପୁର ବିଧାନ ସଭା ନିର୍ବାଚନ ମଣ୍ଡଳୀର ଯୁବ ବିଧକ୍ଷୟକ ଶ୍ରୀ ସତ୍ୟଜୀତ ଗୋମାଙ୍ଗୋ ଉପସ୍ଥିତ ଥିଲେ।

# ଧର୍ମପରାୟଣ ମହିଳାଙ୍କ ପରୋଲୋକ

**ପଦ୍ମପୁର,(ନି.ପ୍ର) :** ପଦ୍ମପୁର ସହର ର ଗିରିଧାରୀ ସାହିର ସ୍ୱର୍ଗତ ଜଗଦୀଶ ପ୍ରସାଦ ପାଢ଼ୀଙ୍କ ପତ୍ନୀ ଶ୍ରୀମତୀ ବେଦବତୀ ପାଢୀଙ୍କ ଆଜି ସକାଳ ୮ ଘଣ୍ଟା ସମୟରେ ପରଲୋକ ଗମନ କରିଥିବା ଜଣାପଡିଛି। ସେ ଜଣେ ସମାଜ ସେବୀ ଭାବେ ଏହି ଅଞ୍ଚଳ ରେ ବେଶ୍ ପରିଚିତ ଥିଲେ । ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ୩ପୁତ୍ର ଉପସ୍ଥିତ ଥିଲେ।

# ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ଉପଲକ୍ଷେ ବକ୍ତୃତା ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା



**ବ୍ରହ୍ମପୁର,(ନି.ପ୍ର) :** ଚଳିତ ବର୍ଷ ଓଡ଼ିଶା ଦିବସ ପାଳନ ନିମନ୍ତେ ବ୍ରହ୍ମପୁର ଉପଖଣ୍ଡ ସ୍ତରରେ ଓଡ଼ିଆ ବକ୍ତୃତା ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ସ୍ଥାନୀୟ ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ପୌର ଉଚ୍ଚ ବିଦ୍ୟାଳୟ ଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତା ରେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନେ ଭାଗ ନେଇଥିଲେ କ୍ଷ ଉଚ୍ଚ ବିଦ୍ୟାଳୟ ସ୍ତରରେ ବକ୍ତୃତା ପ୍ରତିଯୋଗିତା ରେ ଚନ୍ଦ୍ର ଶେଖର ଶତପଥୀ ପ୍ରଥମ (ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ପୌର ଉଚ୍ଚ ବିଦ୍ୟାଳୟ),ଅଙ୍କିତା ସାହୁ (ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ)ଦ୍ୱିତୀୟ ଓ ଆଦ୍ୟାଶା ପ୍ରିୟଦର୍ଶିନୀ (ଡି ଏ ଭି ପବ୍ଲିକ ସ୍କୁଲ)ତୃତୀୟ ଏବଂ ସଙ୍ଗୀତ ପ୍ରତିଯୋଗିତା ରେ ଅନୁଷ୍କା ରାଉତ (ସେଣ୍ଟ ଜାଭିୟର ହାଇ ସ୍କୁଲ)ପ୍ରଥମ,ଅମ୍ରିତା ପଟ୍ଟନାୟକ (ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନୀଳକଣ୍ଠ ନଗର)ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି କ୍ଷ ସେହିପରି ମହାବିଦ୍ୟାଳୟ ବର୍ଗରେ ବକ୍ତୃତା ପ୍ରତିଯୋଗିତା ରେ ଆଲିସା ପାଢ଼ୀ (ସରସ୍ୱତୀ ବିଦ୍ୟା ମନ୍ଦିର, ନୀଳକଣ୍ଠ ନଗର)ପ୍ରଥମ, ପାୟଲ ପ୍ରିୟା ପାତ୍ର (ମହାମାୟୀ ମହିଳା ମହାବିଦ୍ୟାଳୟ) ଦ୍ୱିତୀୟ, ଏବଂ ସଙ୍ଗୀତ ପ୍ରତିଯୋଗିତା ରେ ଏସ ମନିଷା ରାଣୀ ପାତ୍ର (ମହାମୟୀ ମହିଳା ମହାବିଦ୍ୟାଳୟ)ପ୍ରଥମ, ପ୍ରଗତି କିରଣ ବେହେରା (ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିର)ଦ୍ୱିତୀୟ ହୋଇଛନ୍ତି । ଏହି କୃତି ଛାତ୍ରଛାତ୍ରୀଙ୍କୁ ବ୍ରହ୍ମପୁର ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ରେ ଏପ୍ରିଲ ୧ ତାରିଖରେ ହେବାକୁ ଥିବା ପୂର୍ବାହ୍ନ ୧୦ ଘଣ୍ଟା ରେ ଓଡିଶା ଦିବସ ସମାରୋହରେ ପୁରସ୍କୃତ କରାଯିବ । ତିନୋଟି ଉପଖଣ୍ଡ ରେ ହୋଇଥିବା ଉଚ୍ଚ ବିଦ୍ୟାଳୟ ସ୍ତରର ବକ୍ତୃତା ପ୍ରତିଯୋଗିତା ରେ ଯେଉଁ ପ୍ରତିଯୋଗୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ସେହି ପ୍ରତିଯୋଗୀ ଙ୍କ ମଧ୍ୟରେ ପୁନର୍ବାର ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତା ରେ ଚନ୍ଦ୍ର ଶେଖର ଶତପଥୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି କ୍ଷ ଚନ୍ଦ୍ର ଶେଖର ଶତପଥୀଙ୍କୁ ରାଜ୍ୟ ସ୍ତରୀୟ ବକ୍ତୃତା ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିବା ପାଇଁ ପ୍ରେରଣ କରାଯିବ । ସମସ୍ତ ପ୍ରତିଯୋଗିତା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା , ଲୋକନାଥ ଶତପଥୀ,ରବୀନ୍ଦ୍ର ସାହୁ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଭାରତୀୟ ଜନତା ପାର୍ଟିରେ ଯୋଗଦେଲେ ୧୧ ବିଜେଡି ସମିତି ସଭ୍ୟ-ସଭ୍ୟା

**ବ୍ରହ୍ମପୁର,(ନି.ପ୍ର) :** ଭାରତର ଯଶ୍ୱଶ୍ରୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀ,ଭା ଜ ପା ର ରାଷ୍ଟ୍ରୀୟ ଅଧକ୍ଷ ଶ୍ରୀ ଜେ ପି ନଡ୍ଡା, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଓଡିଶା ର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ବିଜେପି ର ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ, ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ, ଗୋପାଳପୁର ବିଧାୟକ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ ଙ୍କ ନୀତି ଆଦର୍ଶ ରେ ଅନୁପ୍ରାଣିତ ହୋଇ ନୂଆଦିଲ୍ଲୀ ଠାରେ ଶ୍ରୀ ଦୁଷ୍ମନ୍ତ ଗୌତମ (ଭାଜପାର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ) ଓ ଶ୍ରୀ ଶ୍ରୀପଦ ନାୟକ (ରାଷ୍ଟ୍ର ମନ୍ତ୍ରୀ ବନ୍ଦର ଓ ଜାହାଜ ଚଳା ଚଳ)ଙ୍କ ଉପସ୍ଥିତି ରେ ଭାରତୀୟ ଜନତା ପାର୍ଟି ରେ ଯୋଗଦେଲେ ଓଡିଶା ର ଗଞ୍ଜାମ ଜିଲ୍ଲା ର ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ,କୁକୁଡାଖଣ୍ଡି ବ୍ଲକ ର ୧୧ ବି ଜେ ଡ଼ି ସମିତି ସଭ୍ୟ /ସଭ୍ୟା,

୧, ସୁନିତା ସେଠି -ଅଙ୍କୁଶପୁର ଗ୍ରାମ ପଂଚାୟତ ସମିତି ସଭ୍ୟା,
୨, ବିଷ୍ଣୁ ବେହେରା -ନିମଖଣ୍ଡି ଗ୍ରାମ ପଂଚାୟତ ସମିତି ସଭ୍ୟା,
୩, ଲକ୍ଷ୍ମୀ ସ୍ୱାଇଁ - ରହିଗାଁ ଗ୍ରାମ ପଂଚାୟତ ସମିତି ସଭ୍ୟା,
୪, ତ୍ରିବେଣୀ ବେହେରା - କଙ୍କିଆ ଗ୍ରାମ ପଂଚାୟତ ସମିତି ସଭ୍ୟା,
୫, ସୁନିତା ଦାଶ - ବନ୍ଦୁପଲ୍ଲୀ ଗ୍ରାମ ପଂଚାୟତ ସମିତି ସଭ୍ୟା,
୬, ରେବତୀ ବେହେରା - ଦକ୍ଷିଣପୁର ଗ୍ରାମ ପଂଚାୟତ ସମିତି ସଭ୍ୟା,
୭, ଅଶୋକ ଦାଶ - କୁକୁଡାଖଣ୍ଡି ଗ୍ରାମ ପଂଚାୟତ ସମିତି ସଭ୍ୟ,
୮, ପ୍ରତିମା ମଲ୍ଲିକ - ବାଲିପଡ଼ା ଗ୍ରାମ ପଂଚାୟତ ସମିତି ସଭ୍ୟା,
୯, ବି ରବୀନ୍ଦ୍ର ନାଥ ପାତ୍ର - ଜଗଦଲପୁର ଗ୍ରାମ ପଂଚାୟତ ସମିତି ସଭ୍ୟ।
୧୦, ବବିତା ବରଦା -ହୁଗୁଲାପଟା ଗ୍ରାମ ପଂଚାୟତ ସମିତି ସଭ୍ୟା,
୧୧, ସନ୍ତୋଷ କୁମାର ସାହୁ -ବୋରିଗାଁ ସମିତି ସଭ୍ୟ

ଙ୍କ ସମେତ ବହୁ ସମର୍ଥକ ବରିଷ୍ଠ ନେତା ସୁରେଶ ସେଠି ଙ୍କ ନେତୃତ୍ୱ ରେ ବିଜେ ଡ଼ି ଦଳ ତ୍ୟାଗ କରି ବିଧିବଦ୍ଧ ଭାବେ ଭାରତୀୟ ଜନତା ପାର୍ଟି ରେ ଯୋଗାଦେଇ ସଦସ୍ୟତା ଗ୍ରହଣ କରିଥିଲେ ଆଗାମୀ ଦିନରେ ହେବାକୁ ଥିବା ପଂଚାୟତ ନିର୍ବାଚନ ରେ କୁକୁଡାଖଣ୍ଡି ବ୍ଲକ ର ବିଜେପି ବହୁତ ମଜଭୁତ ହେବା ସହ କୁକୁଡାଖଣ୍ଡି ବ୍ଲକ ଅଧକ୍ଷ ପଦ ହାତେଇପାରିବ।

# ଭାରତୀୟ ରିଜର୍ଭ ବ୍ୟାଙ୍କ ତରଫରୁ କ୍ଷେତ୍ରସ୍ତରୀୟ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ




**ଭୁବନେଶ୍ୱର,(ନି.ପ୍ର) :** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ), ଭୁବନେଶ୍ୱର ପକ୍ଷରୁ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଏକ ଏକ କ୍ଷେତ୍ରସ୍ତରୀୟ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ (ଏଫ୍‌ଏଲ୍‌ଏଫ୍‌ଏଲ୍‌ଇ) ଅନୁଷ୍ଠିତ ହୋଇଯାଇଛି। ଆରବିଆଇ ମହାପ୍ରବନ୍ଧକ ଶ୍ରୀମତୀ ଅନିତା ପଟ୍ଟନାୟକ; ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ;, ଏସଏଲବିସି ଓଡ଼ିଶାର ଆବାହକ ତଥା ମହାପ୍ରବନ୍ଧକ ଗୌତମ ପାତ୍ର; ଏସବିଆଇ ଡିଜିଏମ ସନ୍ଦୀପ କୁମାର ଚୌବେ; ୟୁବିଆଇ ଏଜିଏମ ବଂଶୀଧର ତ୍ରିପାଠୀ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହାପରେ ଜିଏମ୍ ଆରବିଆଇ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରିବା ସହ ମୁଖ୍ୟ ଭାଷଣ ଦେଇଥିଲେ। ନିଜ ଅଭିଭାଷଣରେ ସେ ଜଇଓଅ୯୦ ଉଦ୍ଦେଶ୍ୟରେ ରିଜର୍ଭ ବ୍ୟାଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ। ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ଆର୍ଥିକ ସାକ୍ଷରତା ପାଇଁ ଆରବିଆଇ ଦ୍ୱାରା ନିଆଯାଇଥିବା ପଦକ୍ଷେପ ବିଷୟରେ ସେ ଅଂଶଗ୍ରହଣକାରୀମାନଙ୍କୁ ଅବଗତ କରାଇଥିଲେ । ବିଭିନ୍ନ ପ୍ରକାର ସାଇବର ଠକେଇରୋକିବା ପାଇଁ ଆର୍ଥିକ ସଚେତନତା ଓ ସତର୍କତା ଅବଲମ୍ବନ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଆର୍ଥିକ ସଚେତନତାର ଆବଶ୍ୟକତା ଉପରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ସମେତ ଅନ୍ୟ ଅତିଥିମାନେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଓ ଅଧ୍ୟାପକ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, କୃଷକ, ଉଦ୍ୟୋଗୀ ଓ ବରିଷ୍ଠ ନାଗରିକ ଙ୍କ ଭଳି ବିଭିନ୍ନ ଟାର୍ଗେଟ୍ ଗ୍ରୁପ୍ ରୁ ପ୍ରାୟ ୪୫୦ ଜଣ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ଭାରତୀୟ ରିଜର୍ଭ ବ୍ୟାଙ୍କର ତିନୋଟି ବିଭାଗ ଯଥା ଏଫ୍‌ଆଇଡିଡି, ଡିଓଏସ୍ ଓ ଆଇବିଡି ର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରିଜର୍ଭ ବ୍ୟାଙ୍କର ଅଧିକାରୀମାନେ ଆର୍ଥିକ ଯୋଜନା, ସଞ୍ଚୟ ଏବଂ ଦାୟିତ୍ୱପୂର୍ଣ୍ଣ ଋଣ ନେବା, ନିବେଶ, ବୀମା ସମେତ ସାମାଜିକ ସୁରକ୍ଷା ଯୋଜନା ଏବଂ ପେନସନ, ଶିକ୍ଷା ଋଣ ପାଇଁ ବିଦ୍ୟା ଲକ୍ଷ୍ମୀ ପୋର୍ଟାଲ ଆଦି ଉପରେ ସେମାନଙ୍କର ଅଧିବେଶନ ରଖିଥିଲେ । ଅଂଶଗ୍ରହଣକାରୀଙ୍କୁ ନକଲି ନୋଟ୍ ଚିହ୍ନଟ, ବ୍ୟାଙ୍କ ଦ୍ୱାରା ନୋଟ୍ ବିନିମୟ ସୁବିଧା ଏବଂ ମୁଦ୍ରା ଗୁଡିକ ର ଲିଗାଲ ଟେଂଡର ସମ୍ପର୍କରେ ଅବଗତ କରାଯାଇଥିଲା। ଏହାବ୍ୟତୀତ ବିଭିନ୍ନ ପ୍ରକାର ଠକେଇ ସମେତ ବାସ୍ତବ ଜୀବନର ଉଦାହରଣ ଦେଇ ସାଇବର ଠକେଇ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଫୋନ୍ ମାଧ୍ୟମରେ କୌଣସି ବି ବ୍ୟକ୍ତି ସହିତ ସମ୍ବେଦନଶୀଳ ଆର୍ଥିକ ତଥ୍ୟ ସେୟାର ନ କରିବାକୁ ଅଂଶଗ୍ରହଣ କାରୀମାନଙ୍କୁ ସଚେତନ କରାଯାଇଥିଲା। ଶେଷରେ ଆରବିଆଇର ଅଭିଯୋଗ ସମାଧାନ ବ୍ୟବସ୍ଥା ଏବଂ ଅଭିଯୋଗ ଦାଖଲ ପ୍ରକ୍ରିୟା ସମ୍ପର୍କରେ ମଧ୍ୟ ସମସ୍ତଙ୍କୁ ଅବଗତ କରାଯାଇଥିଲା। ସମସ୍ତ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ପ୍ରାସଙ୍ଗିକ ଲିଫ୍ଲେଟ୍ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଅଡିଓ ଏବଂ ଭିଜୁଆଲ ବିଷୟବସ୍ତୁ ମଧ୍ୟ ବ୍ୟବହାର କରାଯାଇଥିଲା। କାର୍ଯ୍ୟକ୍ରମଟି ଇଣ୍ଟରଆକ୍ଟିଭ୍ ଥିଲା ଏବଂ ଅଂଶଗ୍ରହଣକାରୀଙ୍କ ପ୍ରଶ୍ନର ଉତ୍ତର ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ଏଲଡିଏମ, ଏଫଏଲସି, ସିଏଫଏଲ ଏବଂ ଅନ୍ୟାନ୍ୟ ବ୍ୟାଙ୍କର ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ଶେଷରେ କାର୍ଯ୍ୟକ୍ରମ ଟି ସଫଳତାର ସହ ସମ୍ପନ୍ନ ହୋଇଥିଲା।

# ଜୋର୍ ଧରିଲା ଅମ୍ବାଦଳାକୁ ବ୍ଲକ୍ ମାନ୍ୟତା



**ମୁନିଗୁଡା,(ନି.ପ୍ର) :** ଆଗକୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ। ଏଥି ପୂର୍ବରୁ ନୂତନ ବ୍ଲକ ବଢ଼ିବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରୁ ନୂତନ ବ୍ଲକ ଗଠନ ଦାବି ଉଠିବାରେ ଲାଗିଥିବା ବେଳେ ମୁନିଗୁଡା ବ୍ଲକ୍‌ରୁ ଅଲଗା କରି ଅମ୍ବାଦଳାରେ ନୂତନ ବ୍ଲକ ଗଠନ ଦାବି ଜୋରଧରିଛି ।ମୁନିଗୁଡା ବ୍ଲକର ୯ ଗୋଟି ପଞ୍ଚାୟତବାସୀ ଅମ୍ବାଦଳାରେ ନୂତନ ବ୍ଲକ ଗଠନ ଦାବି କରିଆସୁଥିବା ବେଳେ ଆଜି ଅମ୍ବାଦଳା ସାମ୍ବାଦିକ ସଂଘର ସଦସ୍ୟ ମାନେ ମୁନିଗୁଡ଼ା ବ୍ଲକ ବିଡ଼ିଓ କୃଷ୍ଣ ଚନ୍ଦ୍ର ଦଳପତିଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ର ପାଇବା ପରେ ଏନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ ବୋଲି ଗୋଷ୍ଠି ଉନ୍ନୟନ ଅଧିକାରୀ ଶ୍ରୀ ଦଳପତି କହିଛନ୍ତି । ମୁନିଗୁଡ଼ା ବ୍ଲକର ଅମ୍ବାଦଳା, ଅମ୍ଳଭଟ୍ଟା, ଇଚ୍ଛାପୁର, ରଘୁବାରି, ଡ଼ିମିରିଗୁଡା, ଘମଟଗୁଡା, ଜଗଦଳପୁର, ସରଧାପୁର ଓ ରାଣିପିଣ୍ଡା ଭଳି ପଞ୍ଚାୟତକୁ ନେଇ ନୂତନ ବ୍ଲକ୍ ଗଠନ ପାଇଁ ଦାବି ହୋଇଛି । ରାଜ୍ୟରେ କିଛି ନୂତନ ବ୍ଲକ ଓ ତହସିଲ ଗଠନ ନେଇ ରାଜ୍ୟ ସରକାର ନିଷ୍ପତି ନେଇଥିବା ବେଳେ ଅଞ୍ଚଳବାସୀ ଏହି ଦାବି କରାଯାଉଛି । ଉପରୋକ୍ତ ୯ଟି ପଞ୍ଚାୟତରେ ମୋଟ ୧ ଲକ୍ଷରୁ ଅଧିକ ଲୋକ ବସବାସ କରୁଛନ୍ତି । ସେଠି ୯୦ ପ୍ରତିଶତ ଅନୁସୂଚିତ ଜାତି ଓ ଜନଜାତି ବର୍ଗର । ବର୍ତମାନ ସେମାନଙ୍କୁ ବିଭିନ୍ନ କାର୍ଯ୍ୟ ପାଇଁ ମୁନିଗୁଡ଼ା ବ୍ଲକ୍ କାର୍ଯ୍ୟାଳୟକୁ ଆସିବାକୁ ପଡୁଛି । ପ୍ରତ୍ୟେକ ପଞ୍ଚାୟତର ଶେଷ ସୀମାରେ ଅବସ୍ଥିତ ଗାଁରୁ ମୁନିଗୁଡା ବ୍ଲକ କାର୍ଯ୍ୟାଳୟ ହାରାହାରି ୬୫ କିମି ଦୂରରେ ରହିଛି । ପ୍ରାୟ ପଞ୍ଚାୟତ ଗୁଡିକ ଉପାନ୍ତ ଓ ପାହାଡିଆ ଅଞ୍ଚଳ ଫଳରେ ଲୋକେ ଯିବା ଆସିବାରେ ବହୁ ଅସୁବିଧା ସମ୍ମୁଖୀନ ହେଉଛନ୍ତି ।ବର୍ଷାଦିନେ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାପୂର୍ବରୁ ୨୦୦୦ ମସିହାରେ ନୂତନ ପଞ୍ଚାୟତ ସମିତି ଗଠନ ପାଇଁ ଦାବି ହୋଇଥିଲା । ତେଣୁ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଅମ୍ବାଦଳାକୁ ନୂତନ ବ୍ଲକ୍ ଭାବେ ଘୋଷଣା କରିବାକୁ ସଂଘ ପକ୍ଷରୁ ଦାବୀ ହୋଇଛି ।ଆଜି ଦାବିପତ୍ର ପ୍ରଦାନ ବେଳେ ଅମ୍ବଦଳା ସାମ୍ବାଦିକ ସଂଘର ସଭାପତି ରଞ୍ଜନ ସ୍ୱାଇ, ସମ୍ପାଦକ ଦକ୍ଷ ବାଥ୍ରାଙ୍କ ସମେତ ସାମ୍ବାଦିକ ଦୟାନିଧି ସାହୁ, ମହେଶ ହୋହରା, ରମାକାନ୍ତ ପୋଡାଲ, ଆନନ୍ଦ ଟାକ୍ରି, ରଘୁନାଥ ବେହେରା,ପ୍ରେମ ସିଂ,ଜ୍ୟୋତିର୍ଜିତ ପଣ୍ଡା, ସୁଦୀପ ମିଶ୍ର, ରଜତ ତ୍ରିପାଠୀ, ବେଣୁଧର ଖୋସଲା, ବିଭୁ ପ୍ରସାଦ ନାହାକ ପ୍ରମୁଖ ଉପସ୍ଥିତ ରହି ଥିଲେ ।

### ୨୫ ଭୂମିହୀନ ପରିବାର

# ୩୧ ବିଦ୍ୟାଳୟକୁ ଜମିପଟ୍ଟା ବଣ୍ଟନ କଲେ ଭୁବନେଶ୍ୱର ସାଂସଦ



**ବାଲିଅନ୍ତା,(ନି.ପ୍ର) :** ଜୟଦେବ ନିର୍ବାଚନ ମଣ୍ଡଳୀ ବାଲିଅନ୍ତା ତହସିଲ ଅଧୀନ ବିଭିନ୍ନ ପଞ୍ଚାୟତର ୨୫ ଭୂମିହୀନ ପରିବାର ଏବଂ ୩୧ ଟି ବିଦ୍ୟାଳୟକୁ ପଟ୍ଟା ବଣ୍ଟନ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ । ସେଥିମଧ୍ୟରେ ୨୫ ଟି ପ୍ରାଥମିକ ଏବଂ ଅନ୍ୟ ୬ଗୋଟି ଉଚ୍ଚ ବିଦ୍ୟାଳୟ ରହିଛି । ଦୀର୍ଘ ବର୍ଷରୁ ଏହି ପରିବାର ଜମି ପଟ୍ଟାରୁ ବଞ୍ଚିତ ଥିଲେ । ସମସ୍ତେ ସରକାରୀ ଜମିରେ ରହୁଥିଲେ ମଧ୍ୟ କାହା ନିକଟରେ ଜମିର ମାଲିକାନା ନେଇ ପଟ୍ଟା ନଥିଲା । ଜମି ପଟ୍ଟା ଖଣ୍ଡିଏ ପାଇଁ ଏହି ଭୂମିହୀନ ପରିବାର ଗୁଡ଼ିକ ଭୁବନେଶ୍ୱର ସାଂସଦଙ୍କୁ ବିଭିନ୍ନ ସମୟରେ ସାକ୍ଷାତ କରି ଗୁହାରି କରି ଆସୁଥିଲେ । ଭୁବନେଶ୍ୱର ସାଂସଦଙ୍କ ଉଦ୍ୟମ ସକାଶେ ଆଜି ସେମାନଙ୍କର ବର୍ଷ ବର୍ଷର ସ୍ୱପ୍ନକୁ ପୂରଣ ହୋଇଛି । ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଏବଂ ବାଲିଅନ୍ତା ତହସିଲଦାରଙ୍କ ଉପସ୍ଥିତିରେ ବାଲିଅନ୍ତା ତହସିଲଦାରଙ୍କ କାର୍ଯ୍ୟାଳୟରେ ଏହି ପଟ୍ଟାବଣ୍ଟନ କାର୍ଯ୍ୟ ହୋଇଯାଇଛି । ଜମି ପଟ୍ଟା ପାଇବା ପରେ ସମସ୍ତେ ଖୁସି ପ୍ରଶ କରିଛନ୍ତି । ବହୁ ପୁରୁଣା ସ୍କୁଲ ଗୁଡିକ ନିକଟରେ ନିଜ ଜମି ପଟ୍ଟା ନଥିବାରୁ ବିଭିନ୍ନ ସରକାରୀ ଉନ୍ନତିକରଣ ଯୋଜନାରେ ଏଗୁଡିକ ସୁଫଳ ପାଇବାକୁ ବଂଚିତ ରହୁଥିଲେ । ଜମି ପଟ୍ଟା ମିଳିବା ପରେ ବାଲିଅନ୍ତା ଅଂଚଳର ଅନେକ ବୁଦ୍ଧିଜୀବୀ ଭୁବନେଶ୍ୱର ସାଂସଦଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି । ଏହି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଏବଂ ବାଲିଅନ୍ତା ତହସିଲଦାର ଉପସ୍ଥିତ ରହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜୟଦେବ ନିର୍ବାଚନମଣ୍ଡଳୀ ସାଂସଦ ପ୍ରତିନିଧି ଚୌଧୁରୀ ଦ୍ୱରିକା ନାଥ ଦାଶ, ତହସିଲଦାର ବିମଳ କୁମାର ଲେଙ୍କା, ଶିକ୍ଷା ଅଧିକାରୀ ପ୍ରଜ୍ଞା ପରମିତା ଜେନା, ପ୍ରଦୀପ୍ତ ମହାନ୍ତି, ଶିବ ମଲ୍ଲିକ ଏବଂ ମଣ୍ଡଳ ସଭାପତି ବିଜୟ ମହାରଣାଙ୍କ ସମେତ ଅନ୍ୟାନ୍ୟ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

### ଘର ଉପରେ ପଡିଲା ବିରାଟ ବଡ କରଞ୍ଜ ଗଛ

# ପାଳ ଗଦା ଓ ବାଉଁଶ ବୁଦାରେ ଲାଗିଲା ନିଆଁ





**ନନ୍ଦପୁର,(ନି.ପ୍ର) :** ନନ୍ଦପୁର ଥାନା ଅଧିନ ସୁବାଇ ଗ୍ରାମ ର ମହେଶ୍ୱର ଚୌଧୁରୀ ଙ୍କ ଛାତ ଘର ଉପରେ ଆଜି ସକାଳେ ଏକ କରଞ୍ଜ ପଡ଼ି ଯାଇଥିଲା । ନନ୍ଦପୁର ଅଗ୍ନିଶମ ବିଭାଗ କୁ ଖବର ଦେବା ପରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ଗଛ କାଟି ସଫା କରିଥିଲେ । ସେହି ପରି ଅପରାହ୍ନ ରେ ଲାମଣ୍ଡା ଗ୍ରାମ ରେ ଏକ ପାଳ ଗଦା ଓ ବାଉଁଶ ବୁଦା ରେ ନିଆଁ ଲାଗି ଯାଇ ପୋଡ଼ି ପାଉଁଶ ହୋଇ ଯାଇଛି । ନିଆଁ ଲାଗି ଯିବାରୁ ମାଲିକ ତରୁଣ ନାୟକ ନନ୍ଦପୁର ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ । ଖବର ପାଇ ଅଗ୍ନିଶମ ଓ ଏଇ ସି ଚିତ୍ତରଞ୍ଜନ ପଞ୍ଜୀଆ, ଗାଡ଼ି ଚାଳକ ବାସୁଦେବ ପାତ୍ର, ପ୍ରକାଶ କିଷାନ୍, ଦୁଃଖନାସନ୍ ଖଡିଆ ଓ ଥବିର ଭୋଇ ପହଞ୍ଚି ନିଆଁ କୁ ଆୟତ କରିଥିଲେ ।

# ବାହାଡ଼ା ଝୋଲାରେଥଳ ଦଣ୍ଡ ଉଠିଲେ



**ନୂଆଗାଁ ବ୍ଲକ,(ନି.ପ୍ର) :** ନୂଆଗାଁ ବ୍ଲକ ଅନ୍ତର୍ଗତ ବାହାଡ଼ା ୯ ।ଲ । ପଂଚାୟତର ବାବା ଫୁଲେଶ୍ୱର ମନ୍ଦିର ରୁ ଆଜି (୧୭) ଦିନିଆ ଦଣ୍ଡ କଇଠ ପଲ୍ଲୀ ଓ ବାହାଡ଼ା ଝୋଲା ଦଣ୍ଡ ଉଠିଛନ୍ତି । ସୁଚନା ମୁତାବକ ନିତି କାନ୍ତି ପୂଜାପାଠ ରାତ୍ର ଏକ ଘଣ୍ଟିକା ଠାରୁ ଆରମ୍ଭ କରି (୭୦) ରୁ ଉର୍ଦ୍ଧ ଦଣ୍ଡୁଆ ସହସହ ଗ୍ରାମବାସୀ ଙ୍କ ସହଯୋଗ ରେ ଦିବା ଦଶଘଣ୍ଟିକା ସମୟରେ ଘଣ୍ଟ ଘଣ୍ଟି ଢୋଲ ମହୁରୀ ଝୁଣା ମାଡ଼ରେ ଅଚଳ ଭକ୍ତି ମୟ ପରିବେଶ ଦେଖିବାକୁ ମିଳିଥିଲା । ପ୍ରତ୍ୟେକ ସାହି ବୁଲିବା ସହିତ ପ୍ରତ୍ୟେକ ଦୁଆରେ ଭୋଗ ଖାଇବା ସହିତ ଅପରାହ୍ନ ରେ କାମେନା ଘରେ ଧୁଳି ଦଣ୍ଡ ଖେଳିଥିଲେ । ରାତ୍ର ରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା କମିଟି ପକ୍ଷରୁ ସୁଚନା ମିଳିଛି । ଏଥିରେ ପାଟ ଦଣ୍ଡୁଆ ବାବୁଲି ପଟ୍ଟନାୟକଙ୍କ,ପାଟଭକ୍ତା ରାଜେନ୍ଦ୍ର ଖଟୁଆ, ଓ ଠାକୁରଙ୍କ ପୂଜାପାଠ ସେବାରେ ଦେବବ୍ରତ ପ୍ରହରାଜ ଦାଇତ୍ୱ ତୁଲାଇଥିବା ବେଳେ ଗାଁ ସଭାପତି ଗୋଲଖ ବିହାରୀ ସାହୁ ସମ୍ପୁର୍ଣ୍ଣ ସହଯୋଗ କରିଥିଲେ ।

# ଡିଜିଟାଲ ରୂପାନ୍ତରଣକୁ ଆଗେଇ ନେଉଛି ଟିପିଏସ୍ଓଡିଏଲ୍

## ଡ୍ରୋନ୍ ଟେକ୍ନୋଲୋଜି ଓ ଏଡିଏମ୍ଏସ୍ ସେବା ଆରମ୍ଭ




**ବ୍ରହ୍ମପୁର,(ନି.ପ୍ର) :** ବିଦ୍ୟୁତ ବଣ୍ଟନ ସେବାକୁ ଉନ୍ନତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ, ଟିପି ଦକ୍ଷିଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସଓଡିଏଲ୍) ଦୁଇଟି ପ୍ରମୁଖ ଡିଜିଟାଲ ପଦକ୍ଷେପ ଆରମ୍ଭ କରିଛି । ଜିଆଇଏସ୍ ସର୍ଭେ ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷ ପାଇଁ ଡ୍ରୋନ ଟେକ୍ନୋଲୋଜି, ଏବଂ ବ୍ରହ୍ମପୁର ସିଟି ସର୍କଲର ବିଇଡି-୨ ଡିଭିଜନରେ ଆଡଭାନ୍ସଡ ଡିଷ୍ଟ୍ରିବ୍ୟୁସନ ମ୍ୟାନେଜମେଣ୍ଟ ସିଷ୍ଟମ (ଏଡିଏମଏସ)ର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହୋଇଛି । ଟିପିଏସ୍ଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ ଉଭୟ ପଦକ୍ଷେପର ଉଦଘାଟନ କରିଥିଲେ । ଏହା କାର୍ଯ୍ୟକ୍ଷମ ଦକ୍ଷତା, ସୁରକ୍ଷା ଏବଂ ଗ୍ରାହକ ସେବା ଦିଗରେ ଏକ ବଳିଷ୍ଠ ପଦକ୍ଷେପ ହେବ । ଅତ୍ୟାଧୁନିକ ଡ୍ରୋନ ଟେକ୍ନୋଲୋଜିର ବ୍ୟବହାର ସହିତ, ଟିପିଏସଓଡିଏଲ ଭିତ୍ତିଭୂମି ନିରୀକ୍ଷଣକୁ ମଜବୁତ କରିବା ଏବଂ ସେବା ନିର୍ଭରଯୋଗ୍ୟତା ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି । ଜିଆଇଏସ୍ ସାମର୍ଥ୍ୟ ସହିତ ସଜ୍ଜିତ ଡ୍ରୋନଗୁଡ଼ିକ ବିଦ୍ୟୁତ ସମ୍ପତ୍ତି ଯେପରିକି ଖୁଣ୍ଟ, ଟ୍ରାନ୍ସଫର୍ମର ଏବଂ ସବଷ୍ଟେସନର ଉଚ୍ଚ-ନିର୍ଭୁଲତା ସର୍ଭେକୁ ସହଜ କରିବ । ଏହା ପାହାଡ଼ିଆ ଓ ଦୁର୍ଗମ ଅଞ୍ଚଳରେ ବେଶ ସହାୟକ ହେବ । ଉପରୁ ନିରୀକ୍ଷଣ, ଥର୍ମାଲ ହଟସ୍ପଟ ଏବଂ ସମ୍ଭାବ୍ୟ ତ୍ରୁଟିଗୁଡ଼ିକୁ ଚିହ୍ନଟ କରିବାରେ ସାହାଯ୍ୟ କରିବ, ଯାହା ଅଧିକ ନିର୍ଭରଯୋଗ୍ୟ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବ । ପ୍ରାକୃତିକ ବିପର୍ଯ୍ୟୟ ଯେପରିକି ଘୂର୍ଣ୍ଣିଝଡ଼ ଏବଂ ବନ୍ୟା ସମୟରେ, ଡ୍ରୋନଗୁଡ଼ିକ କ୍ଷୟକ୍ଷତିର ତୁରନ୍ତ ମୂଲ୍ୟାଙ୍କନ ପାଇଁ ରିଅଲ-ଟାଇମ ସର୍ଭେ ପ୍ରଦାନ କରିବ । କର୍ମଚାରୀଙ୍କ ସୁରକ୍ଷା ଏକ ପ୍ରମୁଖ ପ୍ରାଥମିକତା ଏବଂ ଡ୍ରୋନ-ଆଧାରିତ ନିରୀକ୍ଷଣ ଏହି ସୁରକ୍ଷା ପଦକ୍ଷେପଗୁଡ଼ିକୁ ଆହୁରି ବୃଦ୍ଧି କରିବ । ଏହା ସହିତ, ୭-୮ କିଲୋମିଟର ବ୍ୟାପ୍ତି ବିଶିଷ୍ଟ ଡ୍ରୋନଗୁଡ଼ିକ ପ୍ରତିରୋଧୀ ଅଞ୍ଚଳରେ ବିଦ୍ୟୁତ ଚୋରିକୁ ଚିହ୍ନଟ ଏବଂ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିବ, ଯାହା ଟିପିଏସ୍ଓଡିଏଲର କାର୍ଯ୍ୟକ୍ଷମ ଉତ୍କର୍ଷ ଏବଂ ଦକ୍ଷତା ପ୍ରତି ପ୍ରତିବଦ୍ଧତାକୁ ଦୃଢ଼ କରିବ । ସେହିପରି ଡିଜିଟାଲ ରୂପାନ୍ତରଣ ଯାତ୍ରାକୁ ଆହୁରି ମଜବୁତ କରି, ଟିପିଏସଓଡିଏଲ ଏଡିଏମଏସର ପ୍ରଥମ ପର୍ଯ୍ୟାୟ ଆରମ୍ଭ କରିଛି । ଏହା ଏକ ସ୍ମାର୍ଟ ସିଷ୍ଟମ ଯାହା ବିଦ୍ୟୁତ ଯୋଗାଣ ପରିଚାଳନା ଏବଂ ଗ୍ରାହକ ସେବାକୁ ସୁଗମ କରିବା ପାଇଁ ଡିଜାଇନ କରାଯାଇଛି । ବ୍ରହ୍ମପୁରର ବିଇଡି-୨ ଡିଭିଜନରେ ପ୍ରାରମ୍ଭିକ ଭାବେ ଏହା ଆରମ୍ଭ ହୋଇଛି । ବିଦ୍ୟୁତ ଯୋଗାଣ ବାଧାକୁ କମ କରିବା, ସେବା ନିର୍ଭରଯୋଗ୍ୟତା ବୃଦ୍ଧି କରିବା ଏବଂ କ୍ଷେତ୍ରୀୟ କାର୍ଯ୍ୟକ୍ରମରେ ସୁରକ୍ଷା ଏବଂ ଦକ୍ଷତା ଉନ୍ନତି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ଏହି ସିଷ୍ଟମ ବିଦ୍ୟୁତ ଯୋଗାଣ ସମ୍ପର୍କିତ ଏବଂ ଗ୍ରାହକ ଅଭିଯୋଗର ତୁରନ୍ତ ପ୍ରତିକ୍ରିୟା ସକ୍ଷମ କରିବ ଏବଂ ସେ ସମ୍ପର୍କରେ ସକ୍ରିୟ ଯୋଗାଯୋଗକୁ ସହଜ କରିବ । ବ୍ରହ୍ମପୁରର ବିଇଡି-୨ ଡିଭିଜନରେ ସଫଳ କାର୍ଯ୍ୟକ୍ଷମ ପରେ ପର୍ଯ୍ୟାୟକ୍ରମେ ଏହା ବିଭିନ୍ନ ସ୍ଥାନରେ ଲାଗୁ ହେବ । ଏହା ଲୋଡ ପୂର୍ବାନୁମାନ ଏବଂ ଅନ୍ୟାନ୍ୟ ଅଟୋମେସନ ଅନ୍ତର୍ଭୁକ୍ତ ହେବ । ଏହି ପଦକ୍ଷେପଗୁଡ଼ିକ ଅତ୍ୟାଧୁନିକ ଟେକ୍ନୋଲୋଜିକୁ ଗ୍ରହଣ କରି ଏକ ସ୍ମାର୍ଟ, ସୁରକ୍ଷିତ ଏବଂ ଅଧିକ ନିରନ୍ତର ବିଦ୍ୟୁତ ବଣ୍ଟନ ନେଟୱାର୍କ ସୃଷ୍ଟି କରିବା ପ୍ରତି ଟିପିଏସ୍ଓଡିଏଲର ପ୍ରତିବଦ୍ଧତାକୁ ନିଶ୍ଚିତ କରିଛି । ଯାହା ଏହାର ଗ୍ରାହକମାନଙ୍କ ପାଇଁ ନିର୍ଭରଯୋଗ୍ୟ ଏବଂ ଗୁଣବତ୍ତାଯୁକ୍ତ ସେବା ସୁନିଶ୍ଚିତ କରେ ।

## ମା ରାମଚଣ୍ଡୀ ପୀଠରେ ଅଷ୍ଟପ୍ରହରୀ ନାମଯଜ୍ଞ

**ଭାପୁର,(ନି.ପ୍ର) :** ବ୍ଲକ କଇଁଫୁଲିଆ ପଞ୍ଚାୟତ ବରପୁଟ ଗ୍ରାମସ୍ଥିତ ମା ରାମଚଣ୍ଡୀ ପୀଠରେ ତିନିଦିନ ବ୍ୟାପି ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଅଛି ।ଏହି ଅଷ୍ଟପ୍ରହରୀ ନାମଯଜ୍ଞରେ ଆଖପାଖ ଅଞ୍ଚଳର ଶହଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ଶ୍ରୀକୃଷ୍ଣ ଚୈତନ୍ୟ ପ୍ରଭୁ ନିତ୍ୟାନନ୍ଦ ହରେ କୃଷ୍ଣ ହରେ ରାମ ଶ୍ରୀରାଧେ ଗୋବିନ୍ଦ ନାମ ରେ ନିଜକୁ ନିମଗ୍ନ କରିଥିଲେ ।

## ୮୭ ବର୍ଷର ଅଭିଯୁକ୍ତକୁ ୭ ବର୍ଷ ଜେଲ ଦଣ୍ଡ

**ବ୍ରହ୍ମପୁର,(ନି.ପ୍ର) :** ଏକ ଦୁଷ୍କର୍ମ ମାମଲାର ବିଚାରଣା କରି ୮୭ ବର୍ଷ ର ଅଭିଯୁକ୍ତ କୁ ୭ ବର୍ଷ ଜେଲ ଦଣ୍ଡ ଶୁଣାଇଲେ ବ୍ରହ୍ମପୁର ଜିଲ୍ଲା କୋର୍ଟ ସହକାରୀ ଦୌରାଜର୍ଜ ସୌଦାମିନୀ ସିଂ । ଏକ ମୁକ ବଧିର ନାବାଳିକା କୁ ୨୦୦୮ ରେ ଦୁଷ୍କର୍ମ କରିଥିବାର ଅଭିଯୋଗ ହୋଇଥିଲା । ଘଟଣା ଘଟିଥିଲା ଜରଡ଼ା ଥାନା ଅଞ୍ଚଳ ରେ । ପୀଡିତା ଙ୍କ ପାଇଁ ଅତିରିକ୍ତ ପବ୍ଲିକ ପ୍ରସ୍ୟୁକୁଟର ଆରତୀ ପଟନାୟକ ମାମଲା ଲଢୁଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ବିଧ୍ୱଂସୀ ଭୂକମ୍ପ...

ଏପଟେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମିଆଁମାର ଓ ଥାଇଲ୍ୟାଣ୍ଡରେ ଭୂମିକମ୍ପକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି । ଦୁଇ ଦେଶକୁ ସମସ୍ତ ସମ୍ଭାବ୍ୟ ସହାୟତା ପ୍ରଦାନ ପାଇଁ ଘୋଷଣା କରିଛନ୍ତି । ବ୍ୟାଙ୍କକସ୍ଥିତ ଭାରତୀୟ ଦୂତାବାସ ନାଗରିକଙ୍କ ପାଇଁ ଏକ ହେଲ୍ପଲାଇନ ନମ୍ବର ଜାରି କରିଛି । ବ୍ୟାଙ୍କକ ଏବଂ ଥାଇଲାଣ୍ଡର କେତେକ ସ୍ଥାନରେ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହେବା ପରେ ଭାରତୀୟ ଦୂତାବାସ' ଥାଇ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷା କରି ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି । ବର୍ତ୍ତମାନ ସୁଦ୍ଧା କୌଣସି ଭାରତୀୟ ନାଗରିକଙ୍କ ସହ କୌଣସି ଅପ୍ରୀତିକର ଘଟଣା ଘଟିନାହିଁ । କୌଣସି ଜରୁରୀକାଳୀନ ପରିସ୍ଥିତିରେ ଥାଇଲାଣ୍ଡରେ ଥିବା ଭାରତୀୟ ନାଗରିକଙ୍କୁ ଜରୁରୀକାଳୀନ ନମ୍ବର +୬୬ ୬୧୮୮୧୯୨୧୮ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି ।

### ବିଧାନସଭାରେ ଦାବି...

ସେପଟେ ପୂର୍ଣ୍ଣ ସେଠୀଙ୍କ ପ୍ରସ୍ତାବକୁ ସମର୍ଥନ ଜଣାଇଛନ୍ତି ବିଜେପି ବିଧାୟକ ପଦ୍ମଲୋଚନ ପଣ୍ଡା । ସେ କହିଛନ୍ତି, "ପୂର୍ବତନ ବିଧାୟକଙ୍କ ଅବସ୍ଥା ଦେଖିଲେ ଖରାପ ଲାଗୁଛି ବିଧାୟକଙ୍କ ଦରମା ଓ ପୂର୍ବତନ ବିଧାୟକଙ୍କ ପେନସନ୍ କ୍ଷେତ୍ରରେ ଆମ ରାଜ୍ୟ ୨୭ ନମ୍ବରରେ ରହିଛି । ତେଣୁ ତୁରନ୍ତ ବିଧାୟକଙ୍କ ଦରମା ଓ ପୂର୍ବତନ ବିଧାୟକଙ୍କ ପେନସନ୍ ବୃଦ୍ଧି କରାଯାଉ । ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଜି ବିଧାନସଭାରେ କହିଛନ୍ତି, ଗତ ୨୦୨୪ ଜୁନ୍‌ରୁ ୨୦୨୫ ଫେବୃଆରି ଶେଷ ସୁଦ୍ଧା ସର୍ବମୋଟ ୨୪୮୩ଟି ଅନୁସୂଚିତ ଜାତି ଓ ଜନଜାତି ନିର୍ଯାତନା ଘଟଣା ରାଜ୍ୟର ବିଭିନ୍ନ ଥାନାରେ ପଞ୍ଜୀକୃତ ହୋଇଛି । ତେବେ ଏହି ମାମଲାଗୁଡ଼ିକର ତଦନ୍ତ ଉପ ଆରକ୍ଷୀ ଅଧିକ୍ଷକ(ଡିଏସପି) ପାହ୍ୟାରେ କରାଯାଉଛି । ସର୍ବାଧିକ ଯାଜପୁରରେ ୨୬୯, କଟକରେ ୧୫୯, ଜଗତସିଂହପୁରରେ ୧୫୭ଟି ନିର୍ଯାତନା ଘଟଣା ଘଟିଛି । ତଦନ୍ତକାରୀ ଅଫିସର ଓ ଜଣେ ରାଜସ୍ୱ ବିଭାଗର ଅଫିସରଙ୍କ ଦ୍ୱାରା ମିଳିତ ଅନୁସନ୍ଧାନ ନିର୍ଦ୍ଧାରିତ ସମୟସୀମାରେ କରାଯିବ । ବିଧାନସଭାରେ ବିଧାୟକ ମନୋହର ରନ୍ଧାରୀଙ୍କ ପ୍ରଶ୍ନରେ ଉତ୍ତର ରଖି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ଓଡ଼ିଶାର ବିଭିନ୍ନ ଜରାଶ୍ରମରେ ୨୪୭୫ ଜଣ ଅସହାୟ ଲୋକ ରହୁଛନ୍ତି । କେନ୍ଦ୍ର ସରକାରଙ୍କ ଅନୁଦାନରେ ରାଜ୍ୟରେ ୮୭ ଟି ଜରାଶ୍ରମ ଚାଲୁଥିବାବେଳେ ସେଥିରେ ରହୁଛନ୍ତି ୨୩୩୫ ଜଣ ଅସହାୟ ଲୋକ ।

### ସେନାକୁ ମିଳିବ ୧୫୬...

ପ୍ରଚଣ୍ଡ ଅନେକ ପ୍ରକାର ଏୟାର-ଟୁ-ଗ୍ରାଉଣ୍ଡ ଓ ଏୟାର-ଟୁ-ଏୟାର ମିସାଇଲ୍ ମାଡ଼ କରିବାରେ ସକ୍ଷମ ଅଟେ । ସେନାରେ ପ୍ରଚଣ୍ଡ ହେଲିକପ୍ଟର ସାମିଲ ହେବା ଦ୍ୱାରା ଭାରତୀୟ ବାୟୁ ସେନାର ଯୁଦ୍ଧ ହେଲିକପ୍ଟରରେ ବିବଧତା ଆସିବ । ଏହି ହେଲିକପ୍ଟରର ନିର୍ମାଣ ମେକ୍ ଇନ୍ ଇଣ୍ଡିଆ ଓ ଆତ୍ମନିର୍ଭର ଭାରତ ଅଧିନରେ କରାଯାଉଛି ।

# ଖଳିସାହି ଦଶଦୋଳ ମହୋତ୍ସବର ଦ୍ୱିତୀୟ ସଂନ୍ଧ୍ୟା




**ନୟାଗଡ,(ନି.ପ୍ର) :** ଜିଲ୍ଲା ଖଣ୍ଡପଡା ଅଧିନ ଖଳିସାହି ଦଶଦୋଳ ଯାତ୍ରା ପଡିଆରେ ଆୟୋଜିତ ପ୍ରସିଧ ଦଶଦୋଳ ମହୋତ୍ସବର ଆଜିଥିଲା ଦ୍ୱିତିୟ ସଂଧା ପାରମ୍ପରିକ ରିତିନିତି ଅନୁଯାଇ ପୂଜାର୍ଚନା ପରେ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମହୋତ୍ସବ କମିଟିର ସଭାପତି ବାପିନା ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାକାର୍ଯ୍ୟରେ ସମାଜସେବୀ ତଥା ଆଡଭୋକେଟ୍ ବିଧାନ ଚନ୍ଦ୍ର ପ୍ରଧାନ ଯୋଗଦେଇ ମହୋତ୍ସବର ଉତ୍ତୋରତର କାମନା ସହିତ ପ୍ରତ୍ୟକ ବର୍ଷ ଆର୍ଥିକ ସହାୟତା ଯୋଗାଇ ଦେବାକୁ ପ୍ରତିଶୃତି ଦେଇଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ସ୍ଥାନିୟ ସରପଞ୍ଚ ଫକିର ମୋହନ ଦାସ, ପୂର୍ବତନ ସରପଞ୍ଚ ନବକିଶୋର ପୃଷ୍ଟି ଉପସ୍ଥିତ ଥିଲେ । ସଂଧ୍ୟାରେ ଜଟଣୀର ନାଦବ୍ରହ୍ମ ଭଜନ ଅନୁଷ୍ଠାନ ପକ୍ଷ୍ୟରୁ ସୁନ୍ଦର ସୁନ୍ଦର ଭଜନ ପରିବେଷଣ କରାଯିବା ସହିତ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା ।ଆଜିର ଏହି କାର୍ଯ୍ୟକ୍ରମରେ ମୂଖ୍ୟ ସଂଚାଳକ ତଥା ଓଡିଶାର ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ଅଶୋକ କୁମାର ଗଣ୍ଡିଆ , ସଂପାଦକ ଧିରେନ ଗଣ୍ଡିଆ, ଉପଦେଷ୍ଟା ସୁଦର୍ଶନ ସାହୁ, ଶରତ କୁମାର ସାହୁ, ଦୀପକ କୁମାର ସାହୁ, ପ୍ରଦିପ ସାହୁ, ଶୁଭମ୍ ପୃଷ୍ଟି, ରବିନାରାୟଣ ମିଶ୍ର,ଦୁଷ୍ମନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ପରେ ବିଳମ୍ବିତ ସଂଧ୍ୟାରେ ଗୀତବାହାର ମେଲୋଡି ପକ୍ଷ୍ୟରୁ କଣ୍ଠଶିଳ୍ପୀ ବୌଦ୍ୟନାଥ ଓ ଶିତଳ କବିଙ୍କ ସଂଗୀତ ଦର୍ଶକଙ୍କୁ ମନୋରଂଜନ ଯୋଗାଇ ଥିଲା । ତେବେ ଓଡିଶାର ବହୁଚର୍ଚିତ ଯୁବ କଣ୍ଠଶିଳ୍ପୀ ମଣ୍ଟୁ ଛୁରୀଆଙ୍କ ଉପସ୍ଥିତି ହଜାର ହଜାର ଦର୍ଶକଙ୍କୁ ନିଜର ଯାଦୁଗରୀ ସଂଗୀତରେ ଝୁମାଇ ଥିଲା ।

# ଅମ୍ବାଦଳା ଲ୍ୟାମ୍ପ୍ ପକ୍ଷରୁ ବାର୍ଷିକ ସାଧାରଣ ସଭା



**ମୁନିଗୁଡା,(ନି.ପ୍ର) :** ରାୟଗଡ ଜିଲ୍ଲା ଅମ୍ବାଦଳା ଲ୍ୟାମ୍ପ ପକ୍ଷରୁ ସ୍ଥାନୀୟ ବୌଲାନ୍ ଆମ୍ବ ତୋଟା ଠାରେ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ଏମ.ଶଙ୍କର ରାଓଙ୍କ ଆୟୋଜକ ଓ ଡାଇରେକ୍ଟର ସୁଭାଷିନୀ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେସିସି ବ୍ୟାଙ୍କ ସୁପର ଭାଇଜର ବି. ବି. ଆର ପଟନାୟକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଲ୍ୟାମ୍ପ ଡାଇରେକ୍ଟର ଶିମାଞ୍ଚଳ ପାତ୍ର, ଶିମାଞ୍ଚଳ ରଣା, ହିରା କରକରିଆ, ଦାସେ ମାଝୀ ,ଏଓ ବିଳାସ ଗାଣ୍ଡା ପ୍ରମୁଖ ଯୋଗଦେଇଥିଲେ । ସରକାରଙ୍କ ଯୋଜନା ସସକ୍ତ ସମବାୟ, ସୁଦୃଢ଼ ସମାଜ, ଓ ସମୃଦ୍ଧ ଜୀବନ ଉପରେ ଆଲୋଚନା କରାଯାଇଥିଲା । ଯୋଜନା ମାଧ୍ୟମରେ ଚାଷୀ ମାନଙ୍କ ପାଇଁ ରହିଥିବା ସୁବିଧା ଓ ଅଞ୍ଚଳର ଚାଷୀ ମାନଙ୍କ ମଧ୍ୟରୁ ବିଭିନ୍ନ ସମସ୍ୟା ଗୁଡ଼ିକ ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ ନୂତନ ଲ୍ୟାମ୍ପ କାର୍ଯ୍ୟାଳୟ, ଓ ନୂତନ ଗୋଦାମ ଗୃହ ନିର୍ମାଣ ପାଇଁ ଲ୍ୟାମ୍ପ ର ନିଜସ୍ୱ ସ୍ଥାନ ନିରୂପଣ ନିମନ୍ତେ ଆଲୋଚନା କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାନନ କରକରିଆ, ଗରିବ ଟାକ୍ରି, ସୁବାସ ପଲକିଆ, ମାୟାଧର ସୁନା, ମାକା ସିନୁଙ୍କ ସମେତ ୮ ଗୋଟି ପଞ୍ଚାୟତର ଚାଷୀ ମାନେ ଉପସ୍ଥିତ ରହି ଥିବା ବେଳେ ଲ୍ୟାମ୍ପ କର୍ମଚାରୀ ଘାସି ରାମ ସିକକା, କେଦାର ଠେଲା,, ସୌମ୍ୟ ପାତ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଯୁବକ ନିଖୋଜ ନେଇ ଥାନାରେ ଅଭିଯୋଗ



**ମୁନିଗୁଡା,(ନି.ପ୍ର) :** ଅମ୍ବାଦଳା ଥାନା ରଘୁବାରି ପଞ୍ଚାୟତ ଅନ୍ତର୍ଗତ ଝରଣି ଗ୍ରାମର ଜଣେ ଯୁବକ ନିଖୋଜ ନେଇ ଥାନରେ ଅଭିଯୋଗ ହୋଇଛି । ଝରଣି ଗ୍ରାମର ପୂର୍ଣ୍ଣ ଗୌଡଙ୍କ ଏକ କିରାଣୀ ଦୋକାନ ଥିବା ବେଳେ ଉକ୍ତ ଦୋକାନରେ ପୁଅ ଶିବ ଗୌଡ ଦୋକାନରେ ବ୍ୟବସାୟ କରୁଥିଲା । ଗତ ୨୦ ତାରିଖ ଦିନ ଅପରାହ୍ନ ପ୍ରାୟ ୧୨ ଟା ସମୟରେ ପୁଅ ଶିବ ଗୌଡ ନିଜ ଦୋକାନ ତାଲା ପକାଇ କୁଆଡେ ଚାଲି ଯାଇଥିବା ତାଙ୍କ ବାପା ପୂର୍ଣ୍ଣ ଗୌଡ ଅମ୍ବାଦଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସୂଚନା ଅନୁଯାୟୀ ୨୦ ତାରିଖ ଅପରାହ୍ନ ସମୟରେ ଝରଣି ଗ୍ରାମର ପୂର୍ଣ୍ଣ ଗୌଡ ନିଜ ଦୋକାନ ତାଲା ପଡିଥିବା ଓ ଘରେ ପୁଅକୁ ନପାଇ ବନ୍ଧୁ ବାନ୍ଧବ ଠାରୁ ଆରମ୍ଭ କରି ଏଣେ ତେଣେ ଖୋଜା ଖୋଜି କରିବା ସହ ଛକ ବଜାରରେ ଅନେକ ଖୋଜା ଖୋଜି କଲାପରେ ମଧ୍ୟ ଶିବର ପତ୍ତା ନମିଳିବାରୁ ଶେଷରେ ବାଧ୍ୟ ହୋଇ ଅମ୍ବାଦଳା ଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ପରିବାର ପକ୍ଷରୁ ସୂଚନା ମିଳିଛି । ପ୍ରକାଶ ଥାଉକି ଶିବ ଉକ୍ତ ଦିନ କଳା ରଙ୍ଗର ଜିନ୍ସ ପ୍ୟାଣ୍ଟ୍ ଓ ଘିଅ ରଙ୍ଗର ଟି ସାର୍ଟ ପିନ୍ଧିଥିଲା । ତାର ଶରୀର ବର୍ଣ୍ଣ ଶ୍ୟାମଳ ରଙ୍ଗ ହୋଇଥିବା ବେଳେ ଉଚ୍ଚତା ୫ ଫୁଟ ହେବ ବୋଲି ପରିବାର ପକ୍ଷରୁ କୁହାଯାଇଛି ।





# ମା ସରସ୍ୱତୀ ବିଦ୍ୟା ମନ୍ଦିର

**ଭୀଷ୍ମଗିରି ଗଞ୍ଜାମ ନିଃଶୁଳ୍କ ନାମ ଲେଖା ଆରମ୍ଭ**

ଏତଦ୍ ଦ୍ୱାରା ଓଡିଶାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଛି ଯେ, ଚଳିତ ବର୍ଷ ( ୨୦୨୫-୨୬ ) ଶିକ୍ଷା ଅଧିକାର ୧୨-୧-୨୦୦୯ ଆଇନ୍ ଅନୁଯାୟୀ ପ୍ରଥମ ପର୍ଯ୍ୟାୟ ଚୟନ ନିମନ୍ତେ ଓଡ଼ିଆ / ଇଂରାଜୀ ମାଧ୍ୟମ ବେସରକାରୀ ବିଦ୍ୟାଳୟଗୁଡିକରେ ନାମ - www.rteparadarshi.odisha.gov.in : ଗ୍ରହଣ କରାଯାଉଛି । ସାମାଜିକ ଓ ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାମାନଙ୍କ ପାଇଁ ପ୍ରତ୍ୟେକ ବେସରକାରୀ ବିଦ୍ୟାଳୟରେ କ୍ଲାସ୍ - ୧ ପାଇଁ ୨୫% ସ୍ଥାନ ସଂରକ୍ଷିତ ରହିଛି ।

ଅନୁସୂଚିତ ଜାତି, ଜନଜାତି, ସାମାଜିକ ଓ ଶିକ୍ଷାଗତ ଅନଗ୍ରସର ଭିନ୍ନକ୍ଷମ ଓ ଏଡସ୍ ଆକ୍ରାନ୍ତି ମାତା ପିତାଙ୍କ ଶିଶୁ, ଶିଶୁ ଶ୍ରମିକ, ପଥପ୍ରାନ୍ତ ଶିଶୁ ତଥା ନିର୍ମାଣ ଶ୍ରମିକଙ୍କ ଶିଶୁମାନଙ୍କର ଭୀଷ୍ମଗିରି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଭୀଷ୍ମଗିରି ଗ୍ରାମରେ ଅବସ୍ଥିତ ମା ସରସ୍ୱତୀ ବିଦ୍ୟା ମନ୍ଦିର ନିଃଶୁଳ୍କ ନାମ ଲେଖା ପାଇଁ ଆବଶ୍ୟକ ଦସ୍ତାବିଜ ସହିତ ଆବେଦନ କରିବା ପାଇଁ rteparadarshi.odisha. gov.in ପୋର୍ଟାଲ ରେ ଲଗ୍ ଇନ୍ କରନ୍ତୁ ।

ଆବେଦନ କରିବା ସମୟ ସୀମା ୧୮.୦୩.୨୦୨୫ ରୁ ୨୦.୪.୨୦୨୫ । ପ୍ରଥମ ପର୍ଯ୍ୟାୟ ନାମ ଲେଖା ସମ୍ପୂର୍ଣ୍ଣ ହେବା ପରେ ଖାଲି ଥିବା ସିଟ୍ ରେ ଦ୍ୱିତୀୟ ପର୍ଯ୍ୟାୟ ଚୟନ ନିମନ୍ତେ ଆବେଦନ କରିବା ସମୟ ସୀମା ୦୯.୦୫.୨୦୨୫ ଠାରୁ ୨୦.୦୫.୨୦୨୫ ରଖାଯାଇଛି । ଆବେଦନ କରିସାରିବା ପରେ ଯଥାଶୀଘ୍ର ଆବେଦନ ପତ୍ର ଓ ପରିଚୟ ପତ୍ର ଗୁଡ଼ିକୁ ଦିଗପହଣ୍ଡି ବ୍ଲକ ଶିକ୍ଷା କାର୍ଯ୍ୟାଳୟ ରେ ଦାଖଲ କରନ୍ତୁ ।

(ହେଲପଲାଇନ୍ ନମ୍ବର - ୧୮୦୦୩୪୫୬୭୨୨) (ମୋବାଇଲ୍ ନମ୍ବର - ୯୯୩୮୪୬୬୪୧୬, ୯୩୪୮୧୭୨୭୬୯ ) ପ୍ରଧାନଚାର୍ଯ୍ୟ ମା ସରସ୍ୱତୀ ବିଦ୍ୟା ମନ୍ଦିର, ଭୀଷ୍ମଗିରିଙ୍କୁ ଯୋଗାଯୋଗ କରି ପାରିବେ ।

# ଜାତୀୟ ବରିଷ୍ଠ ବାଳିକା ହ୍ୟାଣ୍ଡବଲ ଦଳରେ ବ୍ରହ୍ମପୁରର ତିନ ପ୍ରତିଯୋଗୀ

**ବ୍ରହ୍ମପୁର,(ନି.ପ୍ର) :** ଆସନ୍ତା ୩୦ ରୁ ୩ ଏପ୍ରିଲ ପର୍ଯ୍ୟନ୍ତ ଉତ୍ତରପ୍ରଦେଶର ହାତରସ୍ ଠାରେ ହେବାକୁ ଥିବା ଜାତୀୟ ବରିଷ୍ଠ ମହିଳା ହ୍ୟାଣ୍ଡବଲ ପ୍ରତ୍ୟାଗୀତା ରେ ଭାଗ ନେବା ପାଇଁ ଓଡିଶା ଦଳ ଯାତ୍ରା କରିଛି ଏହି ଦଳର ଜି ଜ୍ୟୋତି ପାତ୍ର, ବର୍ଷା ରାଣୀ ସେଠି ଓ ବର୍ଷା ରାଣୀ ବେହେରା ଦଳ ସହ ଯାତ୍ରା କିରିଛନ୍ତି । ଗତ ଡ଼ିସେମ୍ବର ମାସରେ କେନ୍ଦୁଝର ଠାରେ ହୋଇଥିବା ଆନ୍ତ ଜିଲ୍ଲା ହ୍ୟାଣ୍ଡବଲ ପ୍ରତିଯୋଗୀତାରେ ଗଞ୍ଜାମ ଦଳ ଉନ୍ନତ ମାନର ଖେଳ ପ୍ରଦର୍ଶନ କରି ମାତ୍ର ଗୋଟେ ଗୋଲ ବ୍ୟବଧାନରେ ଯାଜପୁର ଠାରୁ ପରାଜିତ ହୋଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା । ଉକ୍ତ ପ୍ରତିଯୋଗିତାରେ ଏହି ତିନି ପ୍ରତିଯୋଗୀ ଉନ୍ନତ ଖେଳ ପ୍ରଦର୍ଶନ କରିଥିବାରୁ ଜାତୀୟ ଦଳରେ ସ୍ଥାନ ପାଇଛନ୍ତି । ଓଡ଼ିଶା ଦଳର କୋଚର ଭାବେ ବ୍ରହ୍ମପୁରର ରାମାଶିଷ ଜେନା ଦଳ ସହ ଯାତ୍ରା କରିବେ ଏହି ଖେଳାଳି ମାନେ ପ୍ରତିଦିନ ଖଲ୍ଲିକୋଟ କଲେଜ ଖେଳ ପଡିଆରେ ଏନ୍‌ଆଇ ଏସ କୋଚ୍ ପ୍ରଶାନ୍ତ କୁମାର ରଥ ଙ୍କ ଠାରୁ ତାଲିମ ନେଉଛନ୍ତୀ. ଖେଳାଳୀ ଙ୍କ ଏହି ସୋଫାଳତା ପାଇଁ ଜିଲ୍ଲା ହ୍ୟାଣ୍ଡବଲ ସଂଘଠନର କାର୍ଯ୍ୟକାରି ସଭାପତି ଅଶୋକ କୁମାର ଶୁକ୍ଳ ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ୀ, ସଂଘାଠନିକ ସମ୍ପାଦକ ଶକ୍ତିଧର ରାଜଗୁରୁ, କୋଷାଧକ୍ଷ ଡାକ୍ତର ମନୋଜ କୁମାର ପାତ୍ରଙ୍କ ସହ ସମସ୍ତ ଅନ୍ୟ କର୍ମକର୍ତ୍ତା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।



# ଚେନ୍ନାଇକୁ ୫୦ ରନ୍‌ରେ ପରାସ୍ତ କଲା ଆରସିବି
## ପାଟିଦାର, ହେଜେଲଉଡ୍ ଦେଖାଇଲେ ଯାଦୁ

**ଚେନ୍ନାଇ,୨୮ ।୩ :** ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଅଷ୍ଟାଦଶ ସଂସ୍କରଣର ଅଷ୍ଟମ ମ୍ୟାଚ୍ ଚେନ୍ନାଇର ଏମ୍‌ଏ ଚିଦାମ୍ବରମ୍ ଷ୍ଟାଡିୟମରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଶୁକ୍ରବାର ଚେନ୍ନାଇ ସୁପର କିଙ୍ଗସକୁ ନିଜ ଗଡ଼ରେ ୫୦ ରନ୍‌ରେ ପରାସ୍ତ କରିଛି । ଏଥିପାଇଁ, ରଜତ ପାଟିଦାରଙ୍କ ପରେ, ଜୋସ ହାଜେଲଉଡ୍ ତାଙ୍କର ଯାଦୁ ଦେଖାଇଲେ । ୧୯୭ ରନ୍ ?ର ବିଜୟ ଲକ୍ଷ୍ୟ ନେଇ ଚେନ୍ନାଇ ବ୍ୟାଟିଂ କରିଥିଲା । ଚେନ୍ନାଇ ସୁପର କିଙ୍ଗ୍ସ ପକ୍ଷରୁ ରଚିନ ରବୀନ୍ଦ୍ର ୩୧ ବଲ୍ ରେ ୪୧ ରନ୍ କରିଥିଲେ । ସେ ୫ଟି ଚୌକା ମାରିଥିଲେ । ରବିନ୍ଦ୍ର ଜାଡେଜା ୨୫ ରନ କରି ଆଉଟ ହୋଇଥିଲେ । ଅଶ୍ୱିନ ୧୧ ରନ୍ ଯୋଗଦାନ ଦେଇଥିଲେ । ରାହୁଲ ତ୍ରିପାଠି ମାତ୍ର ୫ ରନ କରି ଆଉଟ ହୋଇଥିଲେ । ଏହି ସମୟରେ, ଆର୍ସିବି ପକ୍ଷରୁ ଜୋଶ ହାଜେଲଉଡ୍ ୩ଟି ୱିକେଟ ନେଇଥିଲେ । ଯଶ ଦୟାଲ ଏବଂ ଲିଭିଂଷ୍ଟୋନ ୨ଟି ଲେଖାଏଁ ୱିକେଟ ନେଇଥିଲେ । ଚେନ୍ନାଇର ଏମ୍‌ଏ ଚିଦାମ୍ବରମ୍ ଷ୍ଟାଡିୟମରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଶୁକ୍ରବାର ଚେନ୍ନାଇ ସୁପର କିଙ୍ଗସକୁ ନିଜ ଗଡ଼ରେ ୫୦ ରନ୍ ?ରେ ପରାସ୍ତ କରିଛି । ଏଥିପାଇଁ, ରଜତ ପାଟିଦାରଙ୍କ ପରେ, ଜୋସ ହାଜେଲଉଡ୍ ତାଙ୍କର ଯାଦୁ ଦେଖାଇଲେ । ପ୍ରଥମେ ବ୍ୟାଟିଂ କରି ବେଙ୍ଗାଲୁରୁ ୨୦ ଓଭରରେ ୭ ୱିକେଟ ହରାଇ ୧୯୬ ରନ କରିଥିଲା । ଏହି ସମୟରେ ରଜତ ପାଟିଦାର ୩୨ ବଲ୍ ?ରେ ୫୧ ରନ୍ କରିଥିଲେ । ସେ ୪ଟି



ଚୌକା ଏବଂ ୩ଟି ଛକା ମାରିଥିଲେ । ବିରାଟ କୋହଲି ୩୧ ରନର ଅବଦାନ ଦେଇଥିଲେ । ଫିଲିପ୍ ସଲ୍ଟ ୧୬ ବଲ୍‌ରେ ୩୨ ରନ୍ କରିଥିଲେ । ଦେବଦତ୍ତ ପାଡିକାଲ ୨୭ ରନ ଏବଂ ଟିମ୍ ଡେଭିଡ ୨୨ ରନର ଅବଦାନ ରଖିଥିଲେ । ଚେନ୍ନାଇ ପାଇଁ ନୁର ଅହମଦ୍ ସର୍ବଶ୍ରେଷ୍ଠ ବୋଲିଂ କରିଥିଲେ । ସେ ୪ ଓଭର ବୋଲିଂ କରି ୩୬ ରନ୍ ଖର୍ଚ୍ଚ କରିଥିଲା ବେଳେ ବେଙ୍ଗାଲୁରୁର ଦୁଇ ପ୍ରାରମ୍ଭିକ ବ୍ୟାଟରଙ୍କ ସମେତ ଲିଆମ୍ ଲିଭିଂଷ୍ଟୋନ୍‌ଙ୍କୁ ଆଉଟ୍ କରିଥିଲେ । ମଥୀଶା ପଥିରଣା ୨ଟି ୱିକେଟ୍ ନେଇଥିଲା ବେଳେ ଖଲୀଲ ଅହମଦ ଓ ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ ।

# ଓଡ଼ିଶା ବରିଷ୍ଟ ମହିଳା ହ୍ୟାଣ୍ଡବଲ ଦଳ ହାତରସ ଯାତ୍ରା

**ଭୁବନେଶ୍ୱର,(ଚକ୍ରଧର ମାଝି) :** ଚଳିତ ମାସ ୩୧-୫ ଏପ୍ରିଲ ତାରିଖ ପ୍ରଯ୍ୟନ୍ତ ହାତରସ ଠାରେ ୫୩ ତମ ବରିଷ୍ଟ ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି । ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ଓଡିଶାର ଅଠର ଜଣିଆ ଦଳ ହାତରସ ଯାତ୍ରା କରିଛି । ଏହି ଖେଳାଳି ମନେ ହେଲେ ଅଧିନାୟକ ଜି ଜ୍ୟୋତି ପାତ୍ର, ସନ୍ଧ୍ୟାରାଣୀ ଦାସ, ସ୍ମୃତିରେଖା ବିଶ୍ୱାଳ, ବର୍ଷାରାଣୀ ବେହେରା, ସ୍ମୃତିରେଖା ରାଉତରାୟ, ବର୍ଷା ବେହେରା, ବର୍ଷା ସେଠି, ଶୁଭଶ୍ରୀ ସେଠି, ତେଯେସ୍ୱିନୀ ସେଠି, ସ୍ୱପ୍ନେଶ୍ୱରି ଦାସ,ଅଦ୍ୟଷା



ଦାସ, ମାନସୀ ପ୍ରଧାନ, ସମୀକ୍ଷା ମଣ୍ଡଳ, ବର୍ଷା ପ୍ରିୟଦର୍ଶିନୀ ବାରିକ, ଅର୍ଚ୍ଚନା ବାରିକ, ସାଇନକ୍ଷ ବେଗମ, ପୂଜା ସ୍ୱାଇଁ, କୋଚ ରାମଶିଷ ପ୍ରସାଦ ଜେନା, ମ୍ୟାନେଜେର ଗୀତାଞ୍ଜଳି ଦାସ,ଦଳସହ ଯାତ୍ରା କରିଛନ୍ତି । ଆଜି କଳିଙ୍ଗ ଷ୍ଟାଡିୟମ ଠାରେ ଓଡିଶା ସ୍ପୋର୍ଟ୍ସ ବିଭାଗର ଓଏସ ଡି ଧୀରଜ କୁମାର ପଟ୍ଟନାୟକ, ପ୍ରୋଗ୍ରାମ ଅଫିସର ହରେଶ ମିଶ୍ର, ଓଡିଶା ହ୍ୟାଣ୍ଡବଲ ସଙ୍ଘ ସମ୍ପାଦକ ଇଂ ମାନସ କୁମାର ସିଂ ସଭାପତି ବିପ୍ଲବ ଚୌଧୁରୀ,କୋଷାଧକ୍ଷ ଶୀତେନ୍ଦ୍ରନାଥ ଦାସ, କୋଚ ଗୌରୀ ଶଙ୍କର ମିଶ୍ର ଦଳକୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ।

## ବାହାଡ଼ା ଝୋଲାରେ ଥଳ ଦଣ୍ଡ ଉଠିଲେ

**ନୂଆଗାଁ,(ନି.ପ୍ର) :** ବ୍ଲକ ଅନ୍ତର୍ଗତ ବାହାଡ଼ା ଝୋଲା ପଂଚାୟତର ବାବା ଫୁଲେଶ୍ୱର ମନ୍ଦିର ରୁ ଆଜି (୧୭) ଦିନିଆ ଦଣ୍ଡ କଇଠ ପଲ୍ଲୀ ଓ ବାହାଡ଼ା ଝୋଲା ଦଣ୍ଡ ଉଠିଛନ୍ତି । ସୁଚନା ମୁତାବକ ନିତି କାନ୍ତି ପୂଜାପାଠ ରାତ୍ର ଏକ ଘଣ୍ଟିକା ଠାରୁ ଆରମ୍ଭ କରି (୭୦) ରୁ ଉର୍ଦ୍ଧ ଦଣ୍ଡୁଆ ସହସହ ଗ୍ରାମବାସୀ ଙ୍କ ସହଯୋଗ ରେ ଦିବା ଦଶଘଣ୍ଟିକା ସମୟରେ ଘଣ୍ଟ ଘଣ୍ଟି ଢୋଲ ମହୁରୀ ଝୁଣା ମାଡ଼ରେ ଅଚଳ ଭକ୍ତି ମୟ ପରିବେଶ ଦେଖିବାକୁ ମିଳିଥିଲା । ପ୍ରତ୍ୟେକ ସାହି ବୁଲିବା ସହିତ ପ୍ରତ୍ୟେକ ଦୁଆରେ ଭୋଗ ଖାଇବା ସହିତ ଅପରାହ୍ନ ରେ କାମେନା ଘରେ ଧୂଳି ଦଣ୍ଡ ଖେଳିଥିଲେ । ରାତ୍ରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା କମିଟି ପକ୍ଷରୁ ସୁଚନା ମିଳିଛି । ଏଥିରେ ପାଟ ଦଣ୍ଡୁଆ ବାବୁଲି ପଟ୍ଟନାୟକଙ୍କ, ପାଟଭକ୍ତା ରାଜେନ୍ଦ୍ର ଖଟୁଆ, ଓ ଠାକୁରଙ୍କ ପୂଜାପାଠ ସେବାରେ ଦେବବ୍ରତ ପ୍ରହରାଜ ଦାଇତ୍ୱ ତୁଲାଇଥିବା ବେଳେ ଗାଁ ସଭାପତି ଗୋଲଖ ବିହାରୀ ସାହୁ, ଲୁଲୁ ସାହୁ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।



# ଗୋହିରିବାଦୁ ଆଶ୍ରମ ବିଦ୍ୟାଳୟରେ ଅଭିଭାବକ ଆମର ଅଂଶିଦାର ସମାବେଶ




**ନୂଆଗାଁ,(ନି.ପ୍ର) :** ନୟାଗଡ ଜିଲ୍ଲା ନୂଆଗାଁ ବ୍ଲକ୍ ମାଇଛେଳି ଗ୍ରାମପଞ୍ଚାୟତ ଗୋହିରିବାଦୁ ଠାରେ ଥିବା ଆଶ୍ରମ ବିଦ୍ୟାଳୟରେ ଆଜି ବହୁ ଆଡମ୍ବର ସହିତ ଅଭିଭାବକ ଆମର ଅଂଶିଦାର ସମାବେଶ ଅନୁଷ୍ଠିତ ହୋଇଯାଇଛି ।ସୁଚନା ଥାଉକି ଆଜି ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁଶାନ୍ତ କୁମାର ସାର ଙ୍କ ପୈରୋହିତରେ ଆୟୋଜିତ କାର୍ଯ୍ୟକ୍ରମ ରେ ଗୋଷ୍ଠି ଶିକ୍ଷା କାର୍ଯ୍ୟାଳୟ ର ସହ ଶିକ୍ଷା ଅଧିକାରୀଣୀ କବିତା କୁମାରୀ ଦାଶ ଉପସ୍ଥିତ ଥିବା ବେଳେ ସମ୍ମାନୀତ ଅତିଥି ଭାବରେ ନୂଆଗାଁ ବ୍ଲକର ସି ଆର୍ ସି ସି କୈଳାସ ଚନ୍ଦ୍ର ନାୟକ ମହୋଦୟ ଉପସ୍ଥିତ ଥିଲେ ବିଶିଷ୍ଟ ଅତିଥି ଭାବରେ ମାଇଛେଳି ଗ୍ରାମପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ତଥା ସମାଜ ସେବି ଦାଶରଥି ପ୍ରଧାନ ମହୋଦୟ ଏବଂ ବିଦ୍ୟାଳୟର ସଭାପତି ପ୍ରମୋଦ କୁମାର ନାୟକ , ସମାଜ ସେବୀ ଚନ୍ଦ୍ରମଣି ବେହେରା , କାସିନାଥ ନାୟକ ଏବଂ ବହୁ ଅଭିଭାବକ ଅଭି ଭାବିକା ଯୋଗ ଦେଇଥିଲେ ।ଏହି ଅବସରରେ ଆଜି ଅତିଥି ମାନେ ଅଭିଭାଷଣ ରେ ଛାତ୍ର ଛାତ୍ରୀ ମାନଙ୍କର ଅନ୍ତର୍ନିହିତ ଗୁଣାବଳୀର ବିକାସରେ ବିଦ୍ୟାଳୟ , ଶିକ୍ଷକ ଓ ଅଭିଭାବକ ଭୂମିକା ବିଷୟରେ ଆଲୋକପାତ କରିଥିଲେ ଓ ତଦ ସହିତ ପିଲାମାନେ ଭଲ ପାଠ ପଢ଼ିବା ସାଙ୍ଗକୁ ବିଭିନ୍ନ ପ୍ରକାରର ଖେଳ କୁଦରେ ନିପୁଣ ରହି ଉତ୍ତମ ପଦଶ୍ରନ କରି ପାରିଲେ ନିଶ୍ଚିତ ଭାବେ ଭବିଷ୍ୟତ ରେ ଜଣେ ଜଣେ ଭଲ ମଣିଷ ହୋଇପାରିବେ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବିଦ୍ୟାଳୟର ସହ ଶିକ୍ଷୟତ୍ରୀ ଝରଣା ପରିଡ଼ା ଓ ବିଜୟଲକ୍ଷ୍ମୀ ନୟକ ମହୋଦୟା । ଅଭିଭାବକ ମାନଙ୍କ ଦ୍ୱାରା ହୋଇଥିବା ପ୍ରତିଯୋଗିତା ରେ ପାରଦର୍ଶିତା ଅଂଜନ କରିଥିବା ସମସ୍ତ ଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା । ପରିଶେଷରେ ସଂଗୀତ ଏବଂ ନୃତ୍ୟ ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରୀ ମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା । ପରି ଶେଷରେ ଧନ୍ୟବାଦ ଜଣାଇ ସଭା ସାନ କରିଥିଲେ ବିଦ୍ୟାଳୟର ସହ ଶିକ୍ଷକ ସୋରାଜସାର ।

# ରାମନାଗୁଡ଼ା ବ୍ଲକରେ ଗୋଟିଏ ଦିନରେ ଦୁଇଟି ଟ୍ରକ ଦୁର୍ଘଟଣା



**ରାମନାଗୁଡା,(ନି.ପ୍ର) :** ରାୟଗଡା ଜିଲ୍ଲା ରାମନାଗୁଡା ବ୍ଲକ ଅନ୍ତର୍ଗତ ଗୁମୁଡ଼ା ଫାଣ୍ଡି ଅଧୀନରେ ଥିବା ଅର୍ଜୁନଗୁଡ଼ା ଏବଂ ସୁତରାଜପୁର ମଧ୍ୟରେ ୩୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ଶୁକ୍ରବାର ଦିନ ସକାଳ ସମୟରେ ଏକ ଟ୍ରକ ଦୁର୍ଘଟଣା ଘଟିଥିଲା ।ମିଳିଥିବା ସୂଚନା ଅନୁଯାୟୀ ଓଡି ୧୯ କେ ୯୫୯୧ ନମ୍ବର ବିଶିଷ୍ଟ ଟ୍ରକ ଟି କଟକ ଜିଲ୍ଲାର ଟାଙ୍ଗି ଠାରୁ ୧୨୦୦ ପେଟି ବିୟର ପେଟି ବୋଝେଇ କରି ରାୟଗଡା ଜିଲ୍ଲା ଦେବଦଳା ରେ ଥିବା ବିଦେଶୀ ମଦ ଡିପୋ କୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ଓଲଟି ପଡିଥିବା ଜଣାପଡ଼ିଛି । ଦୁର୍ଘଟଣା ଘଟିବା ପରେ ଘଟଣା ସ୍ଥଳରେ ଗୁମୁଡ଼ା ପୋଲିସ ଫାଣ୍ଡି ଅଧିକାରୀ ବସନ୍ତ କୁମାର ବେହେରା ସଦଳବଳେ ପହଞ୍ଚି ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ବେଳେ ବିୟର ପେଟି ଗୁଡ଼ିକ କୁ ସ୍ଥାନାନ୍ତର କରିବା ପାଇଁ ବ୍ୟବସ୍ଥା କରିଥିଲେ । ସେହିପରି ଗୁଣପୁର ଅବକାରୀ ଏସ ଆଇ ପି. ବିଶ୍ୱେସ୍ୱର ରାଓ,ଏଏସଆଇ ଦିବାକର ମହାପାତ୍ର ,କନିଷ୍ଟେବଲ ମଦନ ମୋହନ ସୁତାର ଦୁର୍ଘଟଣା ସ୍ଥଳରେ ଉପସ୍ଥିତ ରହି ଅନ୍ୟ ଟ୍ରକ ସାହାଯ୍ୟରେ ରାୟଗଡା କୁ ଏହି ସମସ୍ତ ବୀୟର ପେଟି କୁ ସ୍ଥାନାନ୍ତରିତ କରିଥିବା ଦେଖିବାକୁ ମିଳିଛି । ସେହିପରି ରାୟଗଡା ଜିଲ୍ଲା ରାମନାଗୁଡା ଥାନା ଅନ୍ତର୍ଗତ ଗୋସେଇଁ ଗୁଲୁମୁଣ୍ଡା ଅଧୀନରେ ଥିବା ବାଙ୍ଗି ଛକ ଠାରୁ ପ୍ରାୟ ୨୦୦ ମିଟର ଦୂରତା ବ୍ରହ୍ମପୁର କୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ଅପରାହ୍ନ ତିନିଟା ଚାରିଟା ମଧ୍ୟରେ ଟ୍ରକ ଟି ଓଲଟି ପଡିଥିବା ଜଣାପଡ଼ିଛି । ମିଳିଥିବା ଖବର ଅନୁସାରେ ଓଡି ୦୫ ବିଭି ୧୯୧୮ ନମ୍ବର ବିଶିଷ୍ଟ ଟ୍ରକଟି ରାୟଗଡା ଜିଲ୍ଲା ଜେକେ ପେପର ମିଲ ଠାରୁ ପେପର ବୋଝେଇ କରି ମାଧ୍ୱ ପରିଡ଼ା ନାମକ ଡ୍ରାଇଭର ଭୁବନେଶ୍ୱର ନେଇ ଯାଉଥିବା ସମୟରେ ବାଙ୍ଗି ଛକ ଠାରୁ ଅନତି ଦୂରରେ ମଇଁଷି ପୋଲ ରାସ୍ତା ପାର ହୋଇ ଯାଉଥିବା ବେଳେ ଏକ ମଇଁଷି କୁ ଧୋକ୍କା ଦେଇ ଭାରସାମ୍ୟ ହରାଇ ରାସ୍ତା କଡରେ ଓଲଟି ପଡିଥିଲା ବୋଲି ଖବର ମିଳିଛି ।ଖବର ପାଇ ରାମନାଗୁଡା ଥାନା ଏଏସଆଇ ପୃଥ୍ୱୀରାଜ ଝଙ୍କାର ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ରାମନାଗୁଡା ଥାନାରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛନ୍ତି ।

# ଶତାଧିକ ନକଲି ସିମ୍ ବିକ୍ରୀ ଅଭିଯୋଗରେ ୨ ଗିରଫ





ଦୁଇ ଜଣ ଶତାଧିକ ସିମ କାର୍ଡ କୁ ବିଭିନ୍ନ ଲୋକଙ୍କ ନାମରେ କରାଇ ବାହାର ରାଜ୍ୟ କୁ ପଠାଉଥିଲେ । ଉକ୍ତ ନକଲି ସିମ ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ଅପରାଧ କ କାର୍ଯ୍ୟରେ ବ୍ୟବହାର ହେଉଥିଲା ।ଏ ନେଇ ଜଣା ପଡ଼ିବା ପରେ ସାଇବର

**ପାଟଣା,(ନି.ପ୍ର) :** କେନ୍ଦୁଝର ଜିଲା ପାଟଣା ଥାନା ଅଞ୍ଚଳ ର ଦୁଇ ଯୁବକ ଙ୍କୁ ସାଇବର ପୁଲିସ ଶତାଧିକ ନକଲି ସିମ୍ ? ବିକ୍ରି ଅଭିଯୋଗରେ ଗିରଫ କରିଛି । ଗିରଫ ଦୁଇ ଯୁବକ ହେଲେ ପାଟଣା ଥାନା ସାହାରପଡ଼ା ର ଧୀରଜ କୁମାର ମହାନ୍ତ(୩୪) ଓ କପୁଣ୍ଡି ଗ୍ରାମର ଲଳିତ କୁମାର ଆର୍ଯ୍ୟମୋହନ ମହାନ୍ତ(୨୩) । ମିଳିଥିବା ସୂଚନା ମୁତାବକ ଗତ ୩ ଦିନ ହେବ ସାଇବର ପୁଲିସ ପାଟଣା ଅଞ୍ଚଳରେ ନକଲି ସିମ୍ ? ବିକ୍ରି ଅଭିଯୋଗରେ ତନାଘନା କରୁଛି । ଉଭୟ ଥାନା ପୁଲିସ ଜାଲ ସିମ ବିକ୍ରୀ କରିଥବା ସୂଚନା ପାଇ ଉଭୟ ଦୁଇ ଜଣଙ୍କୁ ଉଠାଇନେଇଥିଲା । ଏହି ଘଟଣା ର ତଦନ୍ତ ପରେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଗିରଫ ଦୁଇ ଜଣଙ୍କ ଠାରୁ ଫିଙ୍ଗର ପ୍ରିଣ୍ଟ ସ୍କାନର ସହ ୬ଟି ମୋବାଇଲ ସିମ ଥିବା ଓ ନଥିବା ଜବତ କରିଛି । ଏନେଇ ସାଇବର ଥାନା କେସ ନମ୍ବର ୧୦/୨୭ ମାର୍ଚ୍ଚ ୨୦୨୫ ମୂଳେ ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଥିବା ଜଣାପଡିଛି ।

## ପିତାମାତାଙ୍କ ସହଭାଗିତା କାର୍ଯ୍ୟକ୍ରମ
# ବିଦ୍ୟଳୟରେ ପାନୀୟଜଳର ସମସ୍ୟାର ସମାଧାନ ନ ହେଲେ ରାଜ ରାସ୍ତାକୁ ଓହ୍ଲାଇବେ ଅଭିଭାବକ

**ଲାଞ୍ଜିଗଡ,(ନି.ପ୍ର) :** ଧଅଁରା ଭଟ୍ଟା ସ୍ଥିତ ଏକଲବ୍ୟ ଆବାସିକ ବିଦ୍ୟାଳୟ ଠାରେ ଅଧକ୍ଷ ଦେବଦତ୍ତ ସାହୁ ଙ୍କ ଅଧକ୍ଷତାରେ ପିତାମାତା ଙ୍କ ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପେରେଣ୍ଟ ଆସୋସିଏସନ୍ ସଭାପତି ହରିହର କୁମାର ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ତଥା ପିଇଡବ୍ଲ୍ୟୁ ମିଡ଼ିଆ ଆସୋସିଏସନ୍ କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ତୁଳ,ସାଧାରଣ ସମ୍ପାଦକ ଗୋପାଳ ଦାସ ମହାନନ୍ଦ ଯୋଗଦେଇ ଥିଲେ ।ଏହି ଅବସରରେ ବିଭିନ୍ନ ସମସ୍ୟା କୁ ନେଇ ଏକ ଆଲୋଚନା ଚକ୍ର ରଖାଯାଇଥିଲା । ଆଲୋଚନା ଚକ୍ରରେ ଦୁରଦୁରାନ୍ତ ଆସିଥିବା ଅଭିଭାବକ ଅଭିଭାବକମାନେ ଭାଗନେଇ ଥିଲେ । ବିଦ୍ୟାଳୟ ଠାରେ ପାନୀୟ ଜଳର ପ୍ରମୁଖ ସମସ୍ୟା ଥିବା ସହିତ ବିଦ୍ୟୁତ ର ସମସ୍ୟା ଥିବା ମଧ୍ୟ ଜଣାପଡିଛି ।ପାନୀୟଜଳ ର ସମସ୍ୟା ସମାଧାନ ପାଇଁ ଅଭିଭାବକ ମାନେ ନିଜସ୍ୱ ଅର୍ଥ ରାଶିର ଦାନ କରି ଏକ ନଳକୂପ ଖୋଲିବା ମଧ୍ୟ ଆଲୋଚନା କରିଥିଲେ ।ଏହାକୁ ନେଇ ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ପ୍ରଶାସନ ନିରବ ଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଥିଲା ।ଯଦି ଉକ୍ତ ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ସମସ୍ତ ଅଭିଭାବକ ଓ ଅଭିଭାବିକା ରାଜ ରାସ୍ତା କୁ ଓହ୍ଲାଇବେ ବୋଲି ମଧ୍ୟ ନିଷ୍ପତ୍ତି କରାଯାଇଛି ।ପରେ ପରେ ଅଭିଭାବକ ମାନଙ୍କୁ ନେଇ ଖେଳ ଶିକ୍ଷୟିତ୍ରୀ ଲୋଜି ବେଗମ ଙ୍କ ନେତୃତ୍ୱରେ ଅଭିଭାବକ ମାନଙ୍କୁ ନେଇ ବିଭିନ୍ନ ପ୍ରକାର ଖେଳ ପ୍ରତିଯୋଗିତା ଆୟୋଜିତ କରାଯାଇ ଥିଲା ଏବଂ ପ୍ରତିଭାଗୀ ମାନଙ୍କୁ ଅତିଥି ମାନ'ଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରାଯାଇଥିଲେ ।ପରେ ଛାତ୍ରଛାତ୍ରୀ ମାନଙ୍କ ବାର୍ଷିକ ଫଳାଫଳ ଅଭିଭାବକ ମାନଙ୍କୁ ପ୍ରଦାନ କରାଯାଇଥିଲା ।ବିଦ୍ୟାଳୟର ଛାତ୍ରୀ ଖୋଲା ମଣି ଶବର,ଛାତ୍ର ଚନ୍ଦନ ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ରୋହିତ ଲୁହାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ,ସେହେନାଚ ଏସକେ,ସୁଦୀପ ପରମାଣିକ,ହେମନ୍ତ କୁମାରବସ୍ତ,ଇକବାଲ ହୁସେନ,ଶଶୀ ଶେଖର କୁମାର,ମଧୁମିତା ପ୍ରଧାନ,ସୋନୁ, ରାହୁଲ,ସୌରଭ ସୁମନ,ଅଭିଷେକ ଆନନ୍ଦ,ଓ୍ୱାଡେନ ରାଧା କୁମାରୀ,ସୁରଜ ମେହେତୋ ପ୍ରମୁଖ ପରିଚାଳନା ରେ ସହଯୋଗ କରିଥିବା ବେଳେ ଇଂରାଜୀ ଶିକ୍ଷୟିତ୍ରୀ ସୋମା ସା ଧନ୍ୟବାଦ ଅର୍ପଣ କରିଥିଲେ ।




## ଠାକୁରଗଡ଼ କ୍ରିକେଟ ଟିମ ଆନୁକୂଲ୍ୟରେ
# ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନୀ

**ଆଠମଲ୍ଲିକ,(ନି.ପ୍ର) :** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଠାରେ ଠାକୁରଗଡ଼ କ୍ରିକେଟ ଟିମ ଆନୁକୂଲ୍ୟରେ ରାତ୍ରିକାଳୀନ କ୍ରିକେଟ ଉଦଯାପିତ ହୋଇଯାଇଛି । ଉକ୍ତ ଉତ୍ସବ ରେ ଆଠମଲ୍ଲିକ ବାର ଆସୋସିଏସନ ର ସଭାପତି ଆଡ଼ଭୋକେଟ ସୁଶାନ୍ତ କୁମାର ମହାପାତ୍ର ମୁଖ୍ୟ ଅଥିତି ଭାବେ ଯୋଗଦେଇ କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ । ବିଭୂ ସେନାପତି,ପୂର୍ବତନ ଖେଳ ଶିକ୍ଷକ ଦିବାକର ପ୍ରଧାନ , ସମାଜସେବୀ ଶତ୍ରୁଘନ ସାହୁ ,ଦିଲ୍ଲୀପ ଖୁଣ୍ଟିଆ, ଶୁଭକାନ୍ତ ପ୍ରଧାନ,ସଂମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଉକ୍ତ ଖେଳରେ ୧୬ ଗୋଟି କ୍ରିକେଟ ଟିମି ଭାଗ ନେଇଥିବା ବେଳେ ସାନହୁଲା ଟିମ ଓ ଆନନ୍ଦପୁର ଟିମ ଫାଇନାଲ ଯାଇଥିଲା । ଫାଇନାଲ ମ୍ୟାଚ ରେ ଆନନ୍ଦପୁର ଟିମ ସାନହୁଲା ଟିମ କୁ ହରାଇ ଚମ୍ପିୟାନ ହୋଇ ମୁଖ୍ୟ ଅତିଥି ଙ୍କ ଠାରୁ ଅର୍ଥ ରାଶି ଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ କୁ ଦେବାଶିଷ ସାହୁ,ରାଜୀବ ସାହୁ, ଅଜିତ ବିଶ୍ୱାଳ, ଚନ୍ଦନ ଦେଓ, ସୁମନ୍ତ ସାହୁ, ଶକ୍ତି ପ୍ରସାଦ ସାହୁ,ଟିକୁ ନାୟକ,ସୁନିଲ ଲହରା,ଅଶୋକ ସାହୁ, ଜିତେନ୍ଦ୍ର ଦେହୁରୀ, ସମେତ ଠାକୁରଗଡ଼ କ୍ରିକେଟ ଟିମ ର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ଶାନ୍ତି ଶୃଙ୍ଖଳା ରେ ପରିଚାଳନା କରିଥିଲେ । ଆଖପାଖ ଅଞ୍ଚଳ ର ବହୁ ସଂଖ୍ୟାରେ କ୍ରିକେଟ ପ୍ରେମୀ ଉପସ୍ଥିତ ରହି ଖେଳକୁ ଉପଭୋଗ କରିଥିଲେ ।



Printed, Published & Owner by Hajarika Mohapatra,
Printed at Das Offset Printers, Udit Nagar Main Road, Rourkela
Dist-Sundargarh (Odisha) and Published at Plot No.: 364/1662, Susanti Vihar, Lane-5, Tankapani Road, Bhubaneswar
Email : satyanews24.bbsr@gmail.com, Mob- +91 90406 99332, 83380 72970
Editor : Satyajit Mohapatra
ସମ୍ପାଦକ : ସତ୍ୟଜିତ ମହାପାତ୍ର